## ସଂକ୍ଷେପରେ

### ରୋଜଭ୍ୟାଲି ହିତାଧିକାରୀଙ୍କୁ ଅର୍ଥ ଫେରସ୍ତ ଆରମ୍ଭ

**ରେମୁଣା, ୫।୨(ଡି.ଏନ.ଏ.):** ରୋଜଭ୍ୟାଲି ଚିଟ୍‌ଫଣ୍ଡ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ ଆରମ୍ଭ ହୋଇଛି। ସଂସ୍ଥାରେ ଟଙ୍କା ରଖିଥିବା ୧୨୩ଜଣ ହିତାଧିକାରୀଙ୍କୁ ୪ତାରିଖରେ ୪ଲକ୍ଷ ୯୫ହଜାର ୨୫୪ଟଙ୍କା ଫେରସ୍ତ ଦିଆଯାଇଛି। ସଂସ୍ଥା ନିକଟରେ କେବଳ ୧୦ ହଜାର ଟଙ୍କାରୁ କମ୍ ଜମା ରଖିଥିବା ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦିଆଯାଉଛି। ସରକାରଙ୍କ ଦ୍ୱାରା ଉପଲବ୍ଧ ତଥ୍ୟ ଆଧାରରେ ଏହି ଟଙ୍କା ପ୍ରଦାନ କରାଯାଉଥିବା ଜଣାଯାଇଛି। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ସିଧାସଳଖ ଫେରସ୍ତ କରାଯାଉଥିବା ଅତିରିକ୍ତ ତହସିଲଦାର ବିନୋଦ କୁମାର ପଣ୍ଡା କହିଛନ୍ତି। ତହସିଲ ଅଫିସ୍‌ର ମୁଖ୍ୟ କିରାଣି ପାର୍ଥସାରଥୀ ନାୟକଙ୍କ ସମେତ ଗୀତାଞ୍ଜଳି ଭୋଇ ଓ ସନ୍ଦୀପ୍ତ କୁମାର ରାମ ପ୍ରମୁଖ କର୍ମଚାରୀ ସହାୟତା କରୁଛନ୍ତି।

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୭ ଆହତ

**ସୋର, ୫।୨(ଡ଼ି.ଏନ.ଏ.):** ସୋର ଥାନା ବେଲପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଜମିବାଡ଼ି ଘଟଣାକୁ କେନ୍ଦ୍ର କରି ୭ଜଣ ଆହତ ହୋଇଛନ୍ତି । ଏହି ଗ୍ରାମର ଲାଗମା ବିବି ସୋର ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଜମି ଦିର୍ଘଦିନ ଧରି ଅଦାଲତରେ ମକଦ୍ଦମା ଚାଲିଥିବା ବେଳେ ବିପକ୍ଷ ଗୋଷ୍ଠୀର ତାଙ୍କର ସମ୍ପର୍କୀୟ ସେକ ସଫିରଉଦିନ, ଲଜିନା ବିବି, ରହିମା ବିବି,ସେକ୍ ବେଲାର ଉଦିନ, ସେକ ଜହିର ଉଦ୍ଦିନ, ସେକକରି ଉଦ୍ଦିନଙ୍କୁ ଆକ୍ରମଣ କରିଥିଲେ। ଆହତମାନଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋର ପୋଲିସ ଉକ୍ତ ଘଟଣାର ତଦନ୍ତ ଚଳାଇଛି ।

# ୫ ଦିନ ହେଲା ଧାନ କିଣା ବନ୍ଦ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୫।୨**

ଖଇରା ବ୍ଲକ ଅଧୀନ ୧୪ଟି ସେବା ସମବାୟ ସମିତି ଗତ ୧ତାରିଖରୁ ଧାନ କିଣା ବନ୍ଦ କରିଦେଇଥିବାରୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଲାଣି। ପ୍ରଶାସନକୁ ହାତ ବାରିସି କରି ମିଲର ଏଜେଣ୍ଟ କେତେକ ଦଲାଲଙ୍କ ନିକଟରୁ ଧାନକିଣି ଖାତାପତ୍ରରେ ଧାନକିଣା ଦେଖାଇବାକୁ ଉଦ୍ୟମ କରୁଥିବା ଯୋଗୁ ଖଇରା ବ୍ଲକର ଶହ ଶହ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଧାନକିଣା ପ୍ରକ୍ରିୟାକୁ ପୁନଃ ଚାଲୁ କରା ନ ଗଲେ ୧୪ଟି ସମିତି ସମ୍ମୁଖରେ ଚାଷୀ ଧାରଣାରେ ବସିବେ ବୋଲି ଚାଷୀ ପରୀକ୍ଷିତ ମହାପାତ୍ର, କୈଳାସ ଚନ୍ଦ୍ର ଶୁକ୍ଳ, ସୁବାଷ ଚନ୍ଦ୍ର ଦାଶ, ଗୋପୀନାଥ ଦାଶ, ବିଜୟ କୁମାର ଦାଶ, ବନମାଳୀ ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଓସଙ୍ଗ ସେବା ସମିତି ଅଧୀନରେ ଅତିଷ୍ଠ ହୋଇପଡିଥିବା

### ଦାନା ବାନ୍ଧୁଛି ଆନ୍ଦୋଳନ


ଏକ ମଣ୍ଡିରେ ଚାଷୀମାନଙ୍କ ଧାନ ପଡିରହିଛି।

ଚାଷୀ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଜିଲାପାଳଙ୍କୁ ୪ତାରିଖରେ ଅଭିଯୋଗ କରିସାରିଥିବା ବେଳେ ଅନ୍ୟ ସମିତିଗୁଡିକ ମଧ୍ୟ ଜିଲାପାଳଙ୍କୁ ଖୁବଶୀଘ୍ର ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

ଖଇରା ବ୍ଲକରେ ୧୪ଟି ସମିତିରେ ୯ହଜାର ଚାଷୀ ୪ଲକ୍ଷ ୬ହଜାର ୬୫୬ କୁଇଣ୍ଟାଲ ଧାନ ବିକିବାକୁ ଅନ୍‌ଲାଇନ ପଞ୍ଜିକରଣ କରିଥିଲେ। ଡିସେମ୍ବର ମାସରେ ମାତ୍ର ୩୨ପ୍ରତିଶତ ଧାନ କିଣିବାକୁ ଯୋଗାଣ ବିଭାଗ ପକ୍ଷରୁ ଅନୁମତି ମିଳିଛି। ୧୪ଟି ସମିତି ଧାନ କିଣାକୁ ହିସାବକୁ ନେଲେ ମାତ୍ର ୧ଲକ୍ଷ ୩୧ହଜାର ୯୧୦ କୁଇଣ୍ଟାଲ ଧାନ କିଣା ଯାଇଛି। ଆହୁରି ହଜାର ହଜାର ସଂଖ୍ୟାର ଚାଷୀ ଧାନ ବସ୍ତା ରଖି ବିକିବାକୁ ଅନାଇ ରହିଛନ୍ତି। ସରକାରଙ୍କ ତରଫରୁ ପରିବହନ, ବସ୍ତା ବାବଦକୁ ମିଳୁଥିବା ଅର୍ଥକୁ ହଡପ କରାଯାଇ ସବୁ ଖର୍ଚ୍ଚ ଚାଷୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଏଭଳି ପରିସ୍ଥିତିରେ ଅନ୍ୟ ରାଜ୍ୟର ଦଲାଲମାନେ ସେମାନଙ୍କୁ ଶୋଷଣ କରିବାକୁ ପଛାଉନାହାନ୍ତି। ମିର୍ଜାପୁର, ବର୍ତ୍ତନା, ମାଣିତ୍ରୀ, ଅନ୍ତରା ଭଳି କିଛି ସମିତିରେ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡିଛି। ମିଲରମାନେ ଧାନ କିଣିବାକୁ ଆସୁ ନ ଥିବାରୁ ଚାଷୀମାନେ ନିଜ ଧାନ ଧରି ଜଗି ରହୁଥିବା ଗରସଙ୍ଗ ଗ୍ରାମର ଚାଷୀ କପିଳେନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ମତାମତ ନିଆଯିବାରୁ ଧାନକିଣା କିଭଳି ସୁରୁଖୁରୁରେ ହୋଇପାରିବ ସେ ତାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।


ଅବରୋଧସ୍ଥଳରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚାଲିଛି।

# ନବ ନିର୍ମାଣ କୃଷକ ସଂଘର ରାସ୍ତା ଅବରୋଧ

### ୫ ଘଣ୍ଟା ଧରି ଅଟକି ରହିଲା ଯାନବାହନ

**ସଜନାଗଡ଼, ୫।୨(ଡି.ଏନ.ଏ.)**

ନୀଳଗିରି ଥାନା ସଜନାଗଡ଼ ପଞ୍ଚାୟତର ୧୯ନଂ. ରାଜ୍ୟ ରାଜପଥ ସେରଗଡ଼ ଭାୟା ଉଦଳା ରାସ୍ତାର ଭାଲୁକାଶୁଣି ଛକଠାରେ ନବ ନିର୍ମାଣ କୃଷକ ସଙ୍ଗଠନ ନୀଳଗିରି ଶାଖା ପକ୍ଷରୁ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଙ୍ଗଳବାର ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦୁଇ ପାର୍ଶ୍ୱରେ ଶହ ଶହ ଟ୍ରକ୍, ବସ୍, କାର୍ ଅଟକି ରହିଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନୀଳଗିରି ପୋଲିସ ଅପରାହ୍ନ ସମୟରେ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ୩ଘଣ୍ଟା ଧରି ଆଲୋଚନା ପରେ ଅପରାହ୍ନ ୪ଟାରେ ରାସ୍ତା ଅବରୋଧ ହଟିଥିଲା।

ନବନିର୍ମାଣ କୃଷକ ସଂଘ ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଚାଷୀ ପ୍ରାଇସ୍ ପ୍ରେଷ୍ଟିଜ୍ ଏବଂ ପେନସନ୍ ଦାବିରେ ଆନ୍ଦୋଳନ ଆହ୍ୱାନ ଦିଆଯାଇଥିଲା। ଜିଲାରୁ ସଂଘର ଜିଲା ସଂଯୋଜକ ଚନ୍ଦନ ରାଉତ ଓ ସହ ସଂଯୋଜକ ପୁରସ୍ତମ ସାହୁଙ୍କ ନେତୃତ୍ୱରେ ବହୁ କର୍ମୀ ମଙ୍ଗଳବାର ଭୁବନେଶ୍ୱର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ଥିଲା। ଏହାକୁ ନଜର ରଖି ବରହମ୍ପୁର ପୋଲିସ ମଙ୍ଗଳବାର ଭୋର୍ ସମୟରେ ଏହି ୨ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏହାର ପ୍ରତିବାଦରେ ପୂର୍ବତନ ବିଧାୟକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଉଗ୍ରସେନ ଦାସ, ଉଦୟ କୁମାର ବେହେରା, ରାମକୃଷ୍ଣ ରାମ, ଅନାଦି ଚରଣ ରାଉତ ପ୍ରମୁଖ ଶତାଧିକ କର୍ମୀ ରାସ୍ତାରେ ବସି ରହି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଯେ ପର୍ଯ୍ୟନ୍ତ ଉକ୍ତ ଅଟକଦ୍ୱୟ ନେତୃବର୍ଗଙ୍କୁ ନ ଛଡ଼ାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି କହି ରାସ୍ତା ଅବରୋଧ କରିଥିଲେ। ନୀଳଗିରି ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ, ଆଇଆଇସି ନଳିତା ମୋଦିଙ୍କ ସହ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହ ବିଚାରବିମର୍ଶ କରିଥିଲେ। ଉକ୍ତ ଦୁଇଜଣ ବୁଧବାର ଥାନାକୁ ଆସି ସାକ୍ଷାତ୍ କରିବେ ଏବଂ ସନ୍ଧ୍ୟା ୭ଟା ସୁଦ୍ଧା ସେମାନଙ୍କୁ ଛାଡ଼ିବାର ପ୍ରତିଶ୍ରୁତି ସହ ଉଭୟପକ୍ଷ ଏକମତ ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବାଲିଆପାଳର ସଂସ୍କୃତି, ପରମ୍ପରା ଉଚ୍ଚକୋଟୀର

### ଷଷ୍ଠ ବାଲିଆପାଳ ମହୋତ୍ସବ

**ବାଲିଆପାଳ, ୫।୨(ଡି.ଏନ.ଏ.)**

ଷଷ୍ଠ ବାଲିଆପାଳ ମହୋତ୍ସବ ମଙ୍ଗଳବାର ସ୍ଥାନୀୟ ନେତାଜୀ ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ମିନତୀ ଜଗଦେବ ଏହାକୁ ଉଦଘାଟନ କରି ବାଲିଆପାଳର ସଂସ୍କୃତି ପରମ୍ପରା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣରେଖା ପୋର୍ଟପ୍ରାଲିର ବୈଷୟିକ ପରାମର୍ଶଦାତା ପ୍ରମୋଦ କୁମାର ସିଂ ଯୋଗଦେଇ ସୁବର୍ଣ୍ଣରେଖା ବନ୍ଦର ବାଲିଆପାଳର ବିକାଶରେ ସହାୟକ ହେବ ବୋଲି


ବାଲିଆପାଳ ମହୋତ୍ସବରେ ଉପସ୍ଥିତ ଅତିଥି।

କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସ୍ମୃତିରଞ୍ଜନ ଶତପଥୀ ବାଲିଆପାଳର ଧାନ, ପାନ, ମୀନ ପାଇଁ ଖ୍ୟାତ ବୋଲି କହିଥିଲେ। ଉତ୍ସବ କମିଟିର ଉପଦେଷ୍ଟା ସରପଞ୍ଚ ମଧୁସୂଦନ ବାରିକ ମଞ୍ଚାସୀନ ହୋଇଥିଲେ। ଆବାହକ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ୟୋମକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ଦାସ ଓ ବିଜୟ କୁମାର ସାମଲ ସଭା ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଓଡ଼ିଶା ସରକାର

ODISHA ONE
ଓଡ଼ିଶା ଆମ ଗୌରବ

ବ୍ରହ୍ମଗିରି (ପୁରୀ ସଦର) ବିକାଶ ପ୍ରକ୍ରିୟାରେ
ଆଉ ଏକ ବଳିଷ୍ଠ ଯୋଗଦାନ।

ବାସୁଦେଇପୁରଠାରେ ଲୋକାର୍ପିତ ହେବ ବହୁଦିନର ଆକାଂକ୍ଷିତ ୩୩/୧୧ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ୍
ମାନ୍ୟବର ମନ୍ତ୍ରୀ ଶକ୍ତି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା **ଶ୍ରୀଯୁକ୍ତ ସୁଶାନ୍ତ ସିଂହଙ୍କ** କରକମଳରେ
୬.୨.୨୦୧୯ ତାରିଖରେ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା
ମାନ୍ୟବର ବିଧାୟକ, ବ୍ରହ୍ମଗିରି ତଥା
ଅଧ୍ୟକ୍ଷ, ପ୍ରାକଳନ କମିଟି, ଓଡ଼ିଶା ବିଧାନସଭା

ଅନ୍ୟାନ୍ୟ ପ୍ରକଳ୍ପ

| | | |
|---|---|---|
| ପ୍ରତାପପୁରୁଷୋତ୍ତମପୁର | ପ୍ରତାପପୁରୁଷୋତ୍ତମପୁର | ବାସୁଦେଇପୁର |
| ଆର୍. ଆଇ. ଅଫିସ୍ | ଏ.ଏନ୍.ଏମ୍ ସବ୍‌ସେଣ୍ଟର | ଏ.ଏନ୍.ଏମ୍. ସେଣ୍ଟର |
| ଶୁଭ ଉଦ୍‌ଘାଟନ | ଶୁଭ ଉଦ୍‌ଘାଟନ | ଶୁଭ ଉଦ୍‌ଘାଟନ |





ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଜନସାଧାରଣଙ୍କୁ ଅନୁରୋଧ ।

DSPL-391
04001/13/0013/1819

## ସଂକ୍ଷେପରେ

### ଚୋରି ବୋଲେରୋ ଜବତ, ଜଣେ ଗିରଫ

**ବାସୁଦେବପୁର, ୫।୨(ଡି.ଏନ.ଏ.):** ବାସୁଦେବପୁର ସହରର ଏକ ହୋଟେଲ ସାମ୍ନାରୁ ଜାନୁୟାରୀ ୩୦ ତାରିଖ ରାତିରେ ଚୋରି ହୋଇଥିବା ଏକ ବୋଲେରୋକୁ ପୋଲିସ ଜବତ କରିଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ସତ୍ୟରଞ୍ଜନ ମାଇତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ସତ୍ୟରଞ୍ଜନଙ୍କର ଘର ଧାମରା ନିକଟବର୍ତ୍ତୀ ଜୟ ଦୁର୍ଗାପାଟଣା ଗ୍ରାମରେ । ବାସୁଦେବପୁର ପୋଲିସ ଚୋରି ହୋଇଥିବା ବୋଲେରୋ ଓଡି ୦୫ ୯୭୦୮ କୁ କରଞ୍ଜମାଳ ଗ୍ରାମରୁ ଜବତ କରିଛି। ବୋଲେରୋର ମାଲିକ ସାନକୃଷ୍ଣପୁର ଗ୍ରାମର କାର୍ତ୍ତିକ ମଣ୍ଡଳଙ୍କ ଅଭିଯୋଗ କ୍ରମେ ଥାନା ଏଏସଆଇ ଉମେଶ ଚନ୍ଦ୍ର ମାରାଣ୍ଡି ଘଟଣାର ତଦନ୍ତ କରି ଏକ ମାମଲା(ନଂ.୩୧/୧୯) ରୁଜୁ କରି ଚୋରିରେ ସମ୍ପୃକ୍ତ ଯୁବକ ସତ୍ୟରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ବୋଲେରୋଟି ସହର ମଧ୍ୟରେ ଥିବା ଏକ ହୋଟେଲ ସାମ୍ନାରୁ ଚୋରି ହୋଇଯାଇଥିଲା।

### ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



**ତିହିଡ଼ି, ୫।୨(ଡି.ଏନ.ଏ.):** ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ, ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ଭଦ୍ରକ ଜିଲା ତିହିଡ଼ି ବ୍ଲକର ଗ୍ରାମ୍ୟ କୃଷି କର୍ମଚାରୀମାନେ ମଙ୍ଗଳବାର ଠାରୁ କଳାବ୍ୟାଜ୍ ପରିଧାନ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ସେମାନେ ସଫଳତାର ସହ ସମ୍ପାଦନ କରୁଥିବା ବେଳେ ସେମାନଙ୍କ ପ୍ରତି ବିଭାଗୀୟ ଅଣଦେଖା ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଛି। ସଂଘର ଜିଲା ସଭାପତି ଆଲୋକ କୁମାର ନାୟକ, ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ନେତୃତ୍ୱରେ ବ୍ଲକର ଗ୍ରାମ୍ୟ କୃଷି କର୍ମଚାରୀ ଆଲୋକ କୁମାର ମଲ୍ଲିକ, ସନ୍ତୋଷ ମହାନ୍ତି, ସୁଜାତା ମହାନ୍ତି, ବାସନ୍ତୀ ସ୍ୱାଇଁ, ସ୍ନେହଲତା ବାରିକ, ତୃପ୍ତି ତପସ୍ୟା ଦାସ, ଗୀତାଞ୍ଜଳି ବେହେରା, ସୁନାରାମ ସିଂ, ରବିନ୍ଦ୍ର ସାହୁ, ତ୍ରିନାଥ ଭୋଇ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

### ଅତିରିକ୍ତ ତହସିଲଦାରଙ୍କୁ ଅଟକ ଘଟଣା, ଜଣେ ଗିରଫ

**ପଦ୍ମପୁର, ୫।୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଅତିରିକ୍ତ ତହସିଲଦାରଙ୍କୁ ଅଟକ ରଖିବା ଘଟଣା ମହଙ୍ଗା ପଡିଛି। ସୋମବାର ବାହାକୋଲା ଗ୍ରାମର ଧଳା ନଦୀ ଉପରେ ନିର୍ମାଣାଧୀନ ପୋଲ ଠାରେ ବେଆଇନ ମାଟି ଖୋଳାକୁ ବିରୋଧ କରିବାରୁ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ କର୍ମଚାରୀଙ୍କୁ କିଛି ଅସାମାଜିକ ବ୍ୟକ୍ତି ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏନେଇ ତହସିଲଦାର ପ୍ରକାଶ କୁମାର ରାଉଳଙ୍କର ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ଏକ ମାମଲା(ନଂ. ୪୦/୧୯) ରୁଜୁ ହୋଇଛି। ଘଟଣାର ସୂତ୍ରଧର କୁହାଯାଉଥିବା ପ୍ରଶାନ୍ତ ମହାନ୍ତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ଉମାଶଙ୍କର ନାୟକ ସୂଚନା ଦେଇଛନ୍ତି। ଏ ବାବଦରେ ଜିଲାର ଆରକ୍ଷୀ ଅଧୀକ୍ଷକ ଓ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ସୂଚନା ନେଇଥିବା ତହସିଲଦାର ପ୍ରକାଶ କୁମାର ରାଉଳ କହିଛନ୍ତି।

### ସଚେତନତା ପାଇଁ ବିଭିନ୍ନ ପ୍ରତିଯୋଗିତା

**ଭଦ୍ରକ ଅଫିସ, ୫।୨:** ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ଅବସରରେ ଜିଲା ସ୍କୁଲ ପରିସରରେ ମଙ୍ଗଳବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରୋଟାରିଆନ୍ ଅତିଶ୍ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଯୋଗ ଦେଇ ସଡ଼କ ସୁରକ୍ଷା ସପ୍ତାହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଅଟଳବିହାରୀ ନାୟକ, ଅବସରପ୍ରାପ୍ତ ପ୍ରାଧାପକ କମଳାକାନ୍ତ ସ୍ୱାଇଁ, ଏମ୍ଭିଆଇ ଗୋପାଳକୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲାସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ଙ୍କ ସମେତ ଜିଲାସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବୋମାମାଡ଼ କରି ଏଟିଏମ୍ ଲୁଟ୍ ଉଦ୍ୟମ

## ■ ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ ■ ବଦଳିଲେ ମତୋ ଫାଣ୍ଡି ଅଧିକାରୀ

**ଚାନ୍ଦବାଲି,୫।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ଅଏଲ ଇଣ୍ଡିଆ ଛକରେ ଥିବା ଏସବିଆଇର ଏକ ଏଟିଏମ୍‌କୁ ହାତବୋମା ପକାଇ ଭାଙ୍ଗିବାକୁ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଚେଷ୍ଟା କରିଥିଲେ । ପ୍ରାୟ ୪୦ ମିନିଟ୍ ଧରି ଚେଷ୍ଟା କରିବା ପରେ ସ୍ଥାନୀୟ ଲୋକ ଉଠି ପଡିବାରୁ ଦୁର୍ବୃତ୍ତ ପଳାଇ ଯାଇଥିଲେ। ବ୍ୟାଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟଙ୍କା ସୁରକ୍ଷିତ ଥିବା କଥା ସୂଚନା ଦେଇଛନ୍ତି। ଫରେନସିକ ଅଧିକାରୀ ସତ୍ୟରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଦଳ ଆସି ତଦନ୍ତ କରିଛନ୍ତି।

ସୂଚନା ଅନୁସାରେ ଭଦ୍ରକ-ଚାନ୍ଦବାଲି ରାସ୍ତା କଡରେ ମତୋ ଅଏଲ ଇଣ୍ଡିଆ ଛକରେ ଜଗୁଆଳି ବିହୀନ ଗୋଟିଏ ଏସବିଆଇ ଓ ଗୋଟିଏ ୟୁବିଆଇର ଏଟିଏମ ପାଖକୁ ପାଖ ଲାଗି ରହିଛି । ସୋମବାର ରାତି ପ୍ରାୟ ୨ଟା ବେଳେ ୪ଟି ବାଇକରେ ୮ ଜଣ ଦୁର୍ବୃତ୍ତ ଆସି ଏସବିଆଇ ଏଟିଏମରେ ପହଞ୍ଚିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ସେମାନେ କଳା ଜ୍ୟାକେଟ୍ ପିନ୍ଧିବା ସହିତ ମାସ୍କ ବ୍ୟବହାର କରିଥିଲେ ଏବଂ ହିନ୍ଦୀରେ କଥା ହେଉଥିଲେ। ସେମାନେ ଏଟିଏମ ମେଶିନ ଉପରକୁ ବୋମା ପକାଇ ଏହାକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ନିକଟରେ ବଜାରରେ ରାତ୍ରିକାଳୀନ ପହରା ଦେଉଥିବା ମତୋ ଫାଣ୍ଡିର ଗୃହରକ୍ଷୀ ଓ ଏକ ସୁନା ଦୋକାନରେ ଥିବା ଜଣେ ଜଗୁଆଳି ଏବଂ ୨ଜଣ ସ୍ଥାନୀୟ ଲୋକ ଶବ୍ଦ ଶୁଣି ଏଟିଏମ ନିକଟକୁ ଆସୁଥିବା ବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସେମାନଙ୍କୁ ଧମକାଇଥିଲେ। ଖବର ପାଇ ମତୋ ଫାଣ୍ଡି ପୋଲିସ ଓ କିଛି ସ୍ଥାନୀୟ ଲୋକେ ଆସିବାରୁ ପୁଣି ସେମାନଙ୍କୁ ଭୟଭୀତ କରିବାକୁ ଦୁର୍ବୃତ୍ତ ରାସ୍ତାରେ ବୋମାମାଡ କରିଥିଲେ । ଅଧିକ ଲୋକେ ରାସ୍ତାରେ ଏକତ୍ରିତ ହେବା ଏବଂ ପୋଲିସ୍ ଜିପ୍ ଆସିବାରୁ ସେମାନେ ମୋଟର ବାଇକ ଧରି ଫେରାର ହୋଇଯାଇଥିଲେ। ବୋମାମାଡରେ ଏଟିଏମ କାଉଣ୍ଟରର ସିସି କ୍ୟାମେରା ସହ ବିଭିନ୍ନ ଯନ୍ତ୍ରାଂଶ ଭାଙ୍ଗି ନଷ୍ଟ ହୋଇଯାଇଛି । ଏହାକୁ ଲାଗିଥିବା ୟୁବିଆଇର ଏଟିଏମ ମଧ୍ୟ ବୋମା ମାଡରେ ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଘଟଣାସ୍ଥଳଠାରୁ ମାତ୍ର ଦୁଇଶହ ମିଟର ଦୂରରେ ମତୋ ପୋଲିସ ଫାଣ୍ଡି ଥିଲା ଓ ୪୦ ମିନିଟ ଧରି ଦୁର୍ବୃତ୍ତଙ୍କ ଭଙ୍ଗାରୁଜା ଚାଲିଥିଲେ ମଧ୍ୟ ପୋଲିସ ଏମାନଙ୍କୁ ଧରିବାରେ ବିଫଳ ହୋଇଥିଲା । ରାତିରେ ସ୍ଥାନୀୟ ଲୋକ ଚାନ୍ଦବାଲି ଥାନାଧିକାରୀ ଓ ଏସଡିପିଓଙ୍କୁ ଫୋନଯୋଗେ ଏ ବିଷୟରେ ସୂଚନା ଦେଇଥିଲେ ମଧ୍ୟ ରାତିରେ କେହି ଘଟଣାସ୍ଥଳକୁ ନ ଆସିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖବର ପାଇ ମଙ୍ଗଳବାର ସକାଳେ ଜିଲା ଏସପି ରାଜେନ୍ଦ୍ର ପଣ୍ଡିତ ଘଟଣାସ୍ଥଳକୁ ଆସି ତଦନ୍ତ ଓ ସମୀକ୍ଷା କରିଛନ୍ତି । ତାଙ୍କ ସହିତ ଏସଡିପିଓ ଉମାଶଙ୍କର ମହାରଣା, ଥାନାଧିକାରୀ ମିନତି ବିଶ୍ୱାଳ, ମତୋ ଫାଣ୍ଡିଅଧିକାରୀ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଟିଏମ ସଂସ୍ଥାର କର୍ମଚାରୀଙ୍କ ଅଭିଯୋଗକ୍ରମେ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୩୨/୨୦୧୯) ରୁଜୁ ହୋଇଛି । ଏହି ଲୁଟ୍ ଉଦ୍ୟମ ମାମଲାରେ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମତୋ ଫାଣ୍ଡି ଅଧିକାରୀ ମନୋଜ ରାଉତଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି ।



ବୋମା ମାଡ଼ରେ ଚୂର୍‌ମାର ହୋଇ ଯାଇଥିବା ମତୋ ଏଟିଏମ୍ କାଉଣ୍ଟର।

### ଜିଲା ପରିଷଦ ସଭ୍ୟାଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା

# ଭାଜପାର ପ୍ରତିବାଦ ସଭା



ସଭାରେ ଉପସ୍ଥିତ ଭାଜପା ନେତା।

**ଧାମନଗର,୫।୨(ଡି.ଏନ.ଏ.)**

ଧାମନଗର ବ୍ଲକ ଧୁଷୁରୀ ଜୋନ ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁଙ୍କୁ ଜିଲାପରିଷଦ ବୈଠକରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏବଂ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦୁର୍ବ୍ୟବହାର ଅଭିଯୋଗରେ ଧାମନଗର ଭାଜପା ତରଫରୁ ତହସିଲ ସମ୍ମୁଖରେ ପ୍ରତିବାଦ ସଭା ଏବଂ କୁଶ ପୁତ୍ତଳିକା ଦାହ କରାଯାଇଛି । ଜିଲା ସମ୍ପାଦକ ଅଶୋକ ପୁହାଣଙ୍କ ଅଧକ୍ଷତାରେ ରାଜ୍ୟ ଉପସଭାପତି ବିଷ୍ଣୁ ଚରଣ ସେଠୀ,ବରିଷ୍ଠ ନେତା ଶରତ ଦାସ, ୪ ଜିଲାପରିଷ ସଭ୍ୟାସଭ୍ୟ ଭାବେ ମନୋଜ ମଲ୍ଲିକ, ରଞ୍ଜିତା ସ୍ୱାଇଁ, ଉମାମଣୀ ସାହୁ, ସୁରତ ସେଠୀ, ୪ ମଣ୍ଡଳ ସଭାପତି ଭାବେ ଦିପ୍ତୀ ରଞ୍ଜନ ଜେନା, ଅରବିନ୍ଦ ପତି, ଅଜୟ ବଳ ଏବଂ ସଦାଶିବ ପୋଥାଳ, ଜିଲା ମିଡିଆସେଲ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଶ୍ରିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଜିଲାପରିଷଦ ବୈଠକରେ ଜିଲାପାଳଙ୍କୁ ସୁରକ୍ଷା ଦେବାକୁ ଯାଇ ଦୁଇ ବିଧାୟକ ସଭାରୁ ଜଣେ ମହିଳା ପରିଷଦ ସଭ୍ୟାଙ୍କୁ ବାହାର କରିଦେବା ପାଇଁ ଧମକକୁ ନେଇ ଧାମନଗର ବାସୀ ଏହାର କଡା ଜବାବ ଦେବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ଫେଲ୍ ମାରିଲା ସନ୍ଧାନୀ କୁକୁର ତଦନ୍ତ

**ପଦ୍ମପୁର, ୫।୨(ଡି.ଏନ.ଏ.)**

ପଦ୍ମପୁର ପଞ୍ଚାୟତର ବଡଅଗାପୁର ଗ୍ରାମରେ ରଜନୀକାନ୍ତଙ୍କ ଘରୁ ଶୁକ୍ରବାର ଚୋରିହୋଇଥିଲା । ଏନେଇ ବାସୁଦେବପୁର ଥାନାରେ ରଜନୀଙ୍କ ଅଭିଯୋଗ ଅନୁଯାୟୀ ଏକ ମାମଲା(ନଂ.୩୫/୧୯) ରୁଜୁ ହୋଇଥିଲା। ବାସୁଦେବପୁର ପୋଲିସ ଶନିବାର ସାଇଣ୍ଟିଫିକ ଟିମ୍ ଓ ସୋମବାର ସନ୍ଧାନୀ କୁକୁର ମାଧ୍ୟମରେ ଥାନାଧିକାରୀ ଉମାଶଙ୍କର ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ ସନ୍ଧାନୀ କୁକୁର ଚୋରର ସନ୍ଧାନ ପାଇ ନ ଥିଲେ। ଘଟଣାସ୍ଥଳରେ ଦୁର୍ବୃତ୍ତ ମାନେ ଛାଡିଯାଇଥିବା ଜୋତାକୁ କୁକୁର ଶୁଙ୍ଘି ବଡଅଗାପୁର ଗ୍ରାମର ୨ କିମି ରାସ୍ତା ଯାଇ ଫେରିଥିଲା।

# ଦ୍ୱିତୀୟ ଜରାନିବାସର ଶିଳାନ୍ୟାସ

**ଧାମନଗର,୫।୨(ଡି.ଏନ.ଏ.)**

ଭଦ୍ରକ ଜିଲାର ଧାମନଗର ରାଣୀ ପୋଖରୀ ବିଶାଳ ଆଡିରେ ରାଜ୍ୟର ଦ୍ୱିତୀୟ ଜରାନିବାସ ନିର୍ମାଣ ପାଇଁ ସରକାରଙ୍କ ନିର୍ଦ୍ଦେଶରେ ୩୦ କୋଟି ଟଙ୍କା ବ୍ୟୟ ବରାଦରେ କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି । ୧ କୋଟି ୧୫ ଲକ୍ଷ ବ୍ୟୟରେ ଧାମନଗରର ଐତିହ୍ୟ ସେନାପତିଆ ପୋଖରୀର ଖନନ ଏବଂ ପୁନରୁଦ୍ଧାର, ୨୦୧୭ରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ମୁକୁନ୍ଦଦେବ ଏବଂ ୩୫ ଲକ୍ଷ ଟଙ୍କା ବ୍ୟୟରେ ଗୋହିରାଟିକିରି ପର୍ଯ୍ୟଟନସ୍ଥଳୀ ସ୍ଥଳୀ ତୋରଣ, ପର୍ଯ୍ୟଟକ ସୁବିଧାକେନ୍ଦ୍ର ଏବଂ କଲ୍ୟାଣ ମଣ୍ଡପର ଶିଳନ୍ୟାସ କରାଯାଇଥିଲା । ଏଥି ସହିତ ୨୫ ଲକ୍ଷ ବ୍ୟୟରେ ଧାମନଗର କଲେଜରୁ ନୂଆପଡା ରାସ୍ତାର ଶିଳାନ୍ୟାସ କରାଯାଇଛି। ସନ୍ଧ୍ୟାରେ ଦୋବଲ ବସଷ୍ଟାଣ୍ଡରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କାଙ୍କ ଅଧକ୍ଷତାରେ ଶିଳାନ୍ୟାସ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ବାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଜିଲା କୃଷକ ସେଲ ସଭାପତି ଅଜୟ ନାୟକ, ରାଜ୍ୟପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ,ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ, ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୀବ ମଲ୍ଲିକ, ପର୍ଯ୍ୟବେକ୍ଷକ ଉପେନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇଥିଲେ ।



ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଜରାନିବାସର ଶିଳାନ୍ୟାସ କରୁଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର

**ଭଣ୍ଡାରିପୋଖରୀ, ୫।୨(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥର କହରାପୋଖରୀ ଶାସନ ନିକଟରେ ମଙ୍ଗଳବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ଦକ୍ଷିଣବାଡ ଗ୍ରାମର ବଟକୃଷ୍ଣ ଜେନା(୫୫) ଗୁରୁତର ଆହତ ହୋଇଛନ୍ତି। ସେ ସାଇକେଲ ଯୋଗେ ଭଣ୍ଡାରିପୋଖରୀରୁ କହରାପୋଖରୀ କୌଣସି କାମରେ ଯାଉଥିଲା ବେଳେ ପଛପଟୁ ଧକ୍କା ଦେବାରୁ ବଟକୃଷ୍ଣ ରାସ୍ତାରେ ପଡି ଛଟପଟ ହେଉଥିଲେ। ପରେ ଦମକଳ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

**ଭଦ୍ରକ ଅଫିସ, ୫।୨**

ଭଦ୍ରକର ବିଶିଷ୍ଟ ଶିକ୍ଷାବିତ୍, ଲେଖକ, ଇନ୍‌ଟାକ୍ ଭଦ୍ରକର ପ୍ରମୁଖ ସଦସ୍ୟ ମୁରଲୀଧର ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଭଦ୍ରକର ବୁଦ୍ଧିଜୀବୀ, କବି, ଲେଖକ ଓ ଛାତ୍ରୀଛାତ୍ର ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବହୁଲୋକଙ୍କ ଭିଡ ହୋଇଥିଲା।

# ପ୍ରାଣକୃଷ୍ଣ ଧଳ ପାଠାଗାରର ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ, ୫।୨(ଡି.ଏନ.ଏ.)**

ପୁସ୍ତକ ମୃତ୍ୟୁ ପର୍ଯ୍ୟନ୍ତ ଆନନ୍ଦ ଦେଇଥାଏ ଓ ସମାଜରେ ସକରାତ୍ମକ ଚିନ୍ତନ ସୃଷ୍ଟି କରିଥାଏ। ପାଠାଗାର ବାର୍ଷିକ ଉତ୍ସବ ପରମ୍ପରାକୁ ପୁର୍ନଜୀବିତ କରି ରଖିବା ପ୍ରଶଂସନୀୟ ବୋଲି ଜଳମଣ୍ଡୁଆ ପଞ୍ଚାୟତ ପଦିନାରାୟଣପୁର ସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ବାର୍ଷିକ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ରଟନ୍ତୀକାଳୀ ମଣ୍ଡପ ଠାରେ ଅନୁଷ୍ଠିତ ପାଠାଗାରର ବାର୍ଷିକ ଉତ୍ସବକୁ ସ୍ଥାନୀୟ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଧୀରେନ୍ଦ୍ର ନାଥ ଦାଶ ଉଦ୍‌ଘାଟନ କରିଥିଲେ। ପାଠାଗାର ସଭାପତି ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ବୃନ୍ଦାବନ ରାଉଳ, ପ୍ରଫୁଲ୍ଲ ସାହୁ, ରମାକାନ୍ତ ରାଉତ, ଜଗନ୍ନାଥ ସାମଲ, ଘନଶ୍ୟାମ ସ୍ୱାଇଁ, ଦିବାକର ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଶିଶୁ ପ୍ରତିଭା ଉନ୍ମେଷ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପାଠାଗାର ମୁଖପତ୍ର ପ୍ରଜ୍ଞାଶ୍ରୀ ଲୋକାର୍ପଣ ଓ ଆଦର୍ଶ ପ୍ରାଜ୍ଞ ପ୍ରତିଭା ଶିକ୍ଷାବିତ ପ୍ରେମାନନ୍ଦ ନାୟକ, ହରେକୃଷ୍ଣ ବାରିକ, ରମାକାନ୍ତ ବେହେରା, ଧନେଶ୍ୱର ସ୍ୱାଇଁ, ନାରାୟଣ ପୋଥାଳଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ପ୍ରତିଭା ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ଧଳ ଅତିଥି ପରିଚୟ, ପାଠାଗାର ସମ୍ପାଦକ ହିମାଂଶୁ ରାଉତ ବିବରଣୀ ପାଠ ଓ ଚନ୍ଦନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଦୀପ ବେହୁରିଆ, ବିଜୟ ରାଉତ, ଗଦାଧର ବିଶ୍ୱାଳ, ବିକାଶ ଭୂୟାଁ, ବିଭୁପଦାରବିନ୍ଦ ଧଳ, ବିଦ୍ୟୁତ ଲତା ଜେନା, ଧନେଶ୍ୱର ଜେନା, ଉମାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପାଞ୍ଚ ଜଣ ପ୍ରଜ୍ଞାଶ୍ରୀ ସମ୍ବର୍ଦ୍ଧିତ।

# କୃଷକ ନେତାଙ୍କୁ ଗିରଫ ପରେ ଥାନାରେ ଅଟକ

**ଧାମନଗର,୫।୨(ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ଥାନା ପୋଲିସ ୬ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ନବ ନିର୍ମାଣ କୃଷକ ସମାବେଶରେ ଯୋଗ ଦେବା ପାଇଁ ବାହାରୁଥିବା ନବନିର୍ମାଣ କୃଷକ ସଂଗଠନର ୨୦ ଜଣ କୃଷକ ନେତାଙ୍କୁ ମଙ୍ଗଳବାର ବେତାଳିଗାଁ ବଜାରରୁ ଗିରଫ କରି ଥାନାରେ ଅଟକ ରଖିଛି । ସଂଗଠନ ତରଫରୁ ଚାଷୀଙ୍କ ପାଇଁ ପେନସନ, ପ୍ରେଷ୍ଟିଜ ପାଇଁ ଦାବି ହୋଇଆସୁଥିବା କୃଷକ ମାନଙ୍କର ୬ ତାରିଖ ଭୁବନେଶ୍ୱରରେ ବିଶାଳ ସମାବେଶକୁ ବାହାରୁ ଥିବାବେଳେ ଆଇଆଇସି ପ୍ରଫୁଲ୍ଲ କୁମାର ସିଂଙ୍କ ତତ୍ତ୍ୱାବଧାନତାରେ ଧୂଷୁରୀ ଥାନା ଏଏସଆଇ ପ୍ରଦୀପ କୁମାର ନାୟକ ସଦଳବଳେ ବେତାଳିଗାଁ ବଜାରରୁ କୃଷକ ନେତାମାନଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି । କୃଷକ ନେତାଭାବେ ଅନିଲ କୁମାର ଦାସ, ଗୋପୀନାଥ ସାହୁ, ସୁକାନ୍ତ ମଳିକ, ଜଗନ୍ନାଥ ବାରିକ, ନରେନ୍ଦ୍ର ବାରିକ, ଜଗନ୍ନାଥ ଜେନା ଦୟାନିଧି ସାହୁ ପ୍ରମୁଖଙ୍କୁ ଗିରଫ କରାଯାଇଛି ।



ଧୂଷୁରୀ ଥାନାରେ ଗିରଫ କୃଷକ ନେତା।

## ■ ଜମ୍ପିଙ୍ଗ୍ ଟାଇଗର କ୍ରିକେଟ ଟୁର୍ନାମେଣ୍ଟ

# ସନ୍‌ରାଇଜ କ୍ଲବ ଚାମ୍ପିୟନ

**ବାସୁଦେବପୁର, ୫।୨(ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକାର ଗୋପାଳପୁର ପଡିଆରେ ଜମ୍ପିଙ୍ଗ ଟାଇଗର କ୍ଲବ ଭୈରବପୁର ଆନୁକୂଲ୍ୟରେ ଦିବଂଗତ ମାୟାଧର ବେହେରା ଓ ଅଜୟ କୁମାର ନାୟକଙ୍କ ସ୍ମୃତିରେ ଜମ୍ପିଙ୍ଗ ଟାଇଗର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚଟି ସନ ରାଇଜ କ୍ଲବ ଦେଉଳୀ ଓ ଓମ୍ ବାବା କ୍ରିକେଟ ଟିମ୍ କୃଷ୍ଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଓମ୍ ବାବା କ୍ରିକେଟ ଟିମ୍ କୃଷ୍ଣପୁର ପ୍ରଥମେ ବ୍ୟାଟିଂ କରି ୧୫ ଓଭର ଖେଳି ୯ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲେ। ୨ୟ ପାଳିରେ ସନରାଇଜ କ୍ଲବ ଦେଉଳୀ ୧୧ ଓଭର ଖେଳି ୪ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅଗଣୀ ପ୍ରସାଦ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବାରିକ, ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାସ, ନଗର ସଭାପତି ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ବିହାରିଲାଲ ବାରିକ, ମାନସ ସାହୁ, ନାରାୟଣ ବେହେରା, ତୁଷାର ପରିଡା, ଗୌତମ ସାହୁ, ସୁଜିତ ସାହୁ ପରିଚାଳନା କରିଥିଲେ।



ବିଜୟୀ ଦଳକୁ ଟ୍ରଫି ପ୍ରଦାନ।

# ଦୋହଲୁଛି ଦୋହରାସାହି ପୋଲ

**ତିହିଡ଼ି, ୫।୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତ ଅଧୀନ ଦୋହରାସାହି ଠାରେ ମନ୍ତେଇ ନଈ ଉପରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଶିଳାନ୍ୟାସର ୬ବର୍ଷ ପରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ପଞ୍ଚାୟତବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅପରପକ୍ଷେ ନଈ ଉପରେ ଥିବା କାଠ ପୋଲଟି ବିପଦ ସଙ୍କୁଳ ହୋଇ ପଡ଼ିଛି। ପୋଲଟି ଦୋହଲୁଥିବାରୁ ଜନଜୀବନ ହାନି ହେବାର ଆଶଙ୍କା ରହିଛି। ନୂତନ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ହୋଇଥିବାରୁ ବିଭାଗୀୟ ଉଦାସୀନତାର ସ୍ପଷ୍ଟ ପ୍ରମାଣ ମିଳିଛି। ୨୦୧୩ ମସିହା ଫେବୃୟାରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଶଙ୍କରପୁର ସେତୁର ଶିଳାନ୍ୟାସ କରିଥିଲେ। ୬.୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସେତୁଟି ୬ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁର ଉଭୟପାର୍ଶ୍ୱକୁ ସମ୍ପ୍ରସାରଣ ପାଇଁ ଯୋଜନା କରାଯାଇଥିଲା। ଉଭୟପାର୍ଶ୍ୱକୁ ୧୦.୭ମିଟର ସମ୍ପ୍ରସାରଣ ପାଇଁ ବିଭାଗ ପକ୍ଷରୁ ୨.୩୫କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ମାତ୍ର କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ଅବହେଳାକୁ ପଞ୍ଚାୟତବାସୀ ଦାୟୀ କରିଛନ୍ତି। ଅପରପକ୍ଷେ ୧୨ବର୍ଷ ପୂର୍ବେ ପଞ୍ଚାୟତବାସୀଙ୍କ ଉଦ୍ୟମକ୍ରମେ ମନ୍ତେଇ ନଈ ଉପରେ କାଠ ପଟାରେ ପୋଲ ନିର୍ମାଣ କରାଯାଇଥିଲା। କାଠପଟା ଦୁର୍ବଳ ହୋଇ ଯାଇଥିବାରୁ ଏହା ବିପଦ ସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ସେତୁ ନିର୍ମାଣ ହୋଇ ନ ଥିବା ସ୍ଥଳେ ପୋଲଟି ମରାମତି କରାଗଲେ ଲୋକେ ନିର୍ଭୟରେ ଯାତାୟତ କରିପାରନ୍ତେ ବୋଲି ପଞ୍ଚାୟତ ଅଧୀନ ଏକଡାଳ ଗ୍ରାମର ସାମାଜିକ କର୍ମୀ ବସନ୍ତ କୁମାର ଦାସ ମତ ଦେଇଛନ୍ତି। ଭଦ୍ରକ ଚାନ୍ଦବାଲି ରାସ୍ତାର କମାରିଆ ବଜାର ଠାରୁ ଶଙ୍କରପୁର ମଧ୍ୟ ଦେଇ ଯାଇଥିବା ରାସ୍ତା ବାସୁଦେବପୁର ବ୍ଲକକୁ ସଂଯୋଗ କରୁଛି। ଏହି ପରିପ୍ରେକ୍ଷୀରେ ଉଭୟ ବ୍ଲକର ଗମନାଗମନ ସୁବିଧା ପାଇଁ ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଜରୁରୀ ବୋଲି ସରପଞ୍ଚ ବିପିନ୍ ବେହେରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଣବ ମହାପାତ୍ରଙ୍କୁ ପଚାରିବାରୁ ସେତୁ ସମ୍ପ୍ରସାରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।



ବିପଦସଙ୍କୁଳ ହୋଇଥିବା ଦୋହରାସାହି କାଠପୋଲ।

■ଶିଳାନ୍ୟାସର ୬ବର୍ଷ ପରେବି ନୂତନ ସେତୁ ଅସମ୍ପୂର୍ଣ୍ଣ
■ଆରମ୍ଭ ହୋଇ ପାରିନି ସେତୁ ସମ୍ପ୍ରସାରଣ କାର୍ଯ୍ୟ
■ଭୟଭୀତ ହୋଇ ନଈ ପାରି ହେଉଛନ୍ତି ପଞ୍ଚାୟତବାସୀ

## ସଂକ୍ଷେପରେ

### ନିଖୋଜ ମହିଳା ଲକ୍ଷ୍ନୌରେ ଠାବ

କପ୍ତିପଦା, ୫।୨(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ର କୋଲିଅଳମ ପଞ୍ଚାୟତର ଜଣେ ମହିଳା ବିହାରର ବନ୍ଧୁ ଘରକୁ ଯାଇ ନିଖୋଜ ହୋଇଯାଇଥିଲେ। ଲକ୍ଷ୍ନୌର ସବଲସିଂ ନାମକ ଜଣେ ବ୍ୟକ୍ତି ମହିଳାଙ୍କୁ ଉଦ୍ଧାର କରି ଆଶ୍ରୟ ଦେଇଥିବା ବେଳେ ସେ କିପରି ନିଜ ଘରକୁ ଫେରିବେ ସେଥିପାଇଁ ଗଣମାଧମର ସାହାଯ୍ୟ ଲୋଡିଛନ୍ତି। ମହିଳା ଜଣଙ୍କ ଲକ୍ଷ୍ମୀପୂଜା ସମୟରେ ବିହାରର ଜଣେ ବନ୍ଧୁଘରକୁ ଯାଇଥିଲେ। ମାତ୍ର ସେଠାରେ ବାଟହୁଡ଼ି ଯିବାରୁ ସେ ଘରକୁ ଫେରି ପାରି ନ ଥିଲେ। ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଭିକ୍ଷା ବୃତ୍ତିରେ ଜୀବନ ଅତିବାହିତ କରୁଥିଲେ। ଲକ୍ଷ୍ନୌ ଜିଲ୍ଲାର ଭରସାର ଗ୍ରାମର ସବଳଙ୍କ ପରିବାର ନିକଟରେ ସେ ପହଞ୍ଚିବା ପରେ ସେମାନେ ତାଙ୍କୁ ପରିଚୟ ପଚାରିଥିଲେ। ଏ ଖବର ମହିଳାଙ୍କ ଗ୍ରାମରେ ଜଣାପଡ଼ିବା ପରେ ସେ କିଭଳି ତାଙ୍କ ଘରକୁ ଫେରିବେ ଗ୍ରାମବାସୀ ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

### ସତ୍‌ସଙ୍ଗ ମାଧମରେ ସମାଜ ଶୃଙ୍ଖଳିତ ହୋଇଥାଏ

ଉଦଳା, ୫।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ଦିବସବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ରାହ୍ମ ମୂହୁର୍ତ୍ତରେ ବେଦ ମାଙ୍ଗଳିକ, ନହବତ ଓ ଉଷା କୀର୍ତ୍ତନ ପରେ ସମବେତ ବିନତୀ ପ୍ରାର୍ଥନା, ଧର୍ମଗ୍ରନ୍ଥାଦି ପାଠ ଓ ପ୍ରଣାମ କରାଯାଇଥିଲା। ତତସହିତ ପିଲାମାନଙ୍କ ଦ୍ୱାରା ଠାକୁରଙ୍କ ବାଣୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଏକ ସୁସଜ୍ଜିତ ତୋରଣରେ ଠାକୁରଙ୍କୁ ନଗର ପରିକ୍ରମା କରାଯିବା ସହ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସତସଙ୍ଗ କେନ୍ଦ୍ର ସମ୍ମୁଖ ଯାତ୍ରା ପଡିଆରେ ଡ. ଅଜିତ କୁମାର ଦାଶଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ତାପସ କୁମାର ସାହୁ, ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ସମ୍ମାନିତ ଅତିଥି ଚକ୍ରଧର ଜେନା ଯୋଗ ଦେଇ ଠାକୁରଙ୍କର ବାଣୀ ପ୍ରଚାର କରିବା ସହିତ ସତସଙ୍ଗ ମାଧମରେ ସମାଜ ଶୃଙ୍ଖଳିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ଭାଗିରଥୀ ମହାରଣା, ବେଣୁଧର ମହାରଣା, ନରେନ୍ଦ୍ର ମୋହନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କର ଭିଡ ଦେଖିବାକୁ ମିଳିଥିଲା।

### ଉପର କଡ଼ଦାରେ ରୁଦ୍ରଯଜ୍ଞ

କୁଆମରା,୫।୨(ଡି.ଏନ.ଏ.): ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ପଞ୍ଚାୟତର ଉପର କଡଦା ଗ୍ରାମର ଦଧିବାମନ ଭାଗବତ ସମିତି ପକ୍ଷରୁ ପଞ୍ଚମ ବାର୍ଷିକ ରୁଦ୍ର ଯଜ୍ଞ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ଧରି ପୂଜା ପାଠ ଓ ଯଜ୍ଞ କାର୍ଯ୍ୟରେ ସାଧୁସନ୍ଥ ମାନେ ଯୋଗ ଦେଇଥିଲେ। ଏଥିରେ ପ୍ରବଚକ ଭାବେ ପଣ୍ଡିତ ଜନ୍ମେଜୟ ପଣ୍ଡା ପ୍ରଚନ ଦେଇଥିଲେ।

## ■ ପ୍ରଧାନଶିକ୍ଷକଙ୍କୁ ଆର୍ଥିକ କ୍ଷମତା ଦିଆଯାଉନି

# ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

ବଡସାହି, ୫।୨(ସ୍ୱ.ପ୍ର.)



ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

■ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

■ପୋଷାକ ସହ ଜୋତା ପ୍ରଦାନ କରାଯାଉନି

■ମଧାହ୍ନଭୋଜନରେ ଦିଆଯାଉଛି ଶୁଖିଲା ଖାଦ୍ୟ

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ସ୍କୁଲର ଫାଟକ ସମ୍ମୁଖରେ ମଙ୍ଗଳବାର ଛାତ୍ରୀଛାତ୍ରୀ ଓ ଅଭିଭାବକ ଧାରଣାରେ ବସିଛନ୍ତି। ୨ ମାସ ହେଲା ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇନି, ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ମିଳିନି, ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ଅଭିଭାବକ ଏପରି ନିଷ୍ପତ୍ତି ନେଇଛନ୍ତି। ବିଇଓଙ୍କ ଉପସ୍ଥିତିକୁ ଦାବିକରି ୩ ଘଣ୍ଟା ପର୍ଯ୍ୟନ୍ତ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରୀ ଓ ଅଭିଭାବକ ବସିଥିଲେ। ଏବିଇଓ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିବା ସହ ଆର୍ଥିକ କ୍ଷମତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

୧୯୪୮ରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଅଦ୍ୟାବଧି ପ୍ରଥମରୁ ଅଷ୍ଟମ ଶ୍ରେଣୀର ୧୬୯ ପିଲା ପାଠପଢୁଛନ୍ତି। ସ୍କୁଲର ୪ କୋଠରୀରେ ୮ ଶ୍ରେଣୀର ପିଲାପାଠ ପଢୁଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ ମିଶି ୫ ଜଣ ରହିଛନ୍ତି। ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ହୋଇ ନାହାନ୍ତି। ଏଥିରେ ଛାତ୍ରୀ ୭୩ ଓ ଛାତ୍ର ୯୩ ଜଣ ରହିଛନନ୍ତି। ଅଦ୍ୟାବଧି ସେମାନଙ୍କୁ ପୋଷାକ ଓ ଜୋତା ପ୍ରଦାନ କରାଯାଇ ନାହିଁ। ଜୁନ ୨୦୧୮ରେ ବିଭାଗ ପକ୍ଷରୁ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରାଯାଇଥିଲା। ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସହକାରୀ ଶିକ୍ଷକ ଫୁକୁଲୁ ସିଂଙ୍କୁ ଡିସେମ୍ବରରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଦାୟିତ୍ୱ ପ୍ରଦାନ କରିବା ପରେ ମଧ ବିଭାଗ ପକ୍ଷରୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇ ନ ଥିଲା। ୮ମ ଶ୍ରେଣୀ ଛାତ୍ରୀ ମମତା କୁଣ୍ଡୁ ଓ ସୁକଲ୍ୟାଣୀ ମହାନ୍ତ କହିଛନ୍ତି ଯେ, ବାର୍ଷିକ ପରୀକ୍ଷାକୁ ଆଉ ୨ ମାସ ରହିଲା। ଅଦ୍ୟାବଧି ପୋଷାକ ଓ ଜୋତା ମିଳିନି। ୫ମ ଶ୍ରେଣୀର ଛାତ୍ରୀ ଦୀପ୍ତିସ୍ମିତା ସିଂ କହିଛନ୍ତି ଯେ, ଗୋଟିଏ କୋଠରୀରେ ଦୁଇଟି ଶ୍ରେଣୀର ପିଲା ବସି ପାଠପଢୁଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ଆସୁ ନ ଥିବାରୁ ଶୁଖିଲା ଖାଦ୍ୟ ଦିଆଯାଉଛି। ଅନ୍ୟପଟେ ଆର୍ଥିକ କ୍ଷମତା ପ୍ରଦାନ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ବାରମ୍ୱାର ବିଇଓଙ୍କ ନିକଟରେ ଅଭିଯୋଗ କରାଯାଇଛି। କୌଣସି ପଦକ୍ଷେପ ଗ୍ରହଣ କରାଯାଉନି ବୋଲି ଅଭିଭାବକ ବେଣୁଧର ମହାଳିକ କହିଛନ୍ତି। ଜାନୁଆରୀ ୨୨ଠାରୁ ମଧ୍ୟାହ୍ନ ଭୋଜନ ଚାଉଳ ସରିଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଉନି। ଅର୍ଥ ଅଭାବରୁ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ସଉଦା ନ ଥିବାରୁ ରୋଷେଇରେ ବିଭିନ୍ନ ସମସ୍ୟା ଦେଖାଯାଉଛି ବୋଲି ପରିଚାଳନା କମିଟିର ସଭାପତି ଦିଲ୍ଲିପ କୁମାର ଦଳେଇ କହନ୍ତି। ଏ ସମ୍ପର୍କରେ ବିଇଓ ଦେବବ୍ରତ ବାରିକଙ୍କୁ ପଚାରିବାରୁ ଫେବୃୟାରୀ ୨ରେ ସମ୍ପୃକ୍ତ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ ପାଇଁ ଚିଠି କରାଯାଇଥିଲା। ସେ ଅଫିସକୁ ଆସି ନ ଥିବାରୁ ଚିଠି ପାଇବାରେ ବିଳମ୍ବ ହୋଇଛି ବୋଲି ସେ କହିଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଭିଭାବକ ଉମାକାନ୍ତ ମହାନ୍ତ, ମନରଞ୍ଜନ ଜେନା, ରାଜେଶ ସିଂ, ହରିହର ମହାନ୍ତ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି।



ଜିଲାପାଳ ବିନୀତ ଭରଦ୍ୱାଜ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ବୟନିକାର ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ବାରିପଦା ଅଫିସ, ୫।୨

ବାରିପଦା ସ୍ଥିତ ସବାଇ କ୍ରାଫ୍ଟ ଗୃହ ପରିସରରେ ବୟନିକାର ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ବିକ୍ରୟ କେନ୍ଦ୍ରକୁ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲାପାଳ ଆବୋଲୀ ନରଭାଣେ, ପିଡି ଡିଆରଡିଏ ତୁଷାର କାନ୍ତ ମହାନ୍ତି, ପିଏଆଇଟିଡିଏ ବିଜନ କୁମାର ଅମ୍ଭ, ବୟନିକାର ପରିଚାଳନା ନିର୍ଦ୍ଦେଶକ ବିକାଶଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗତ ବର୍ଷ ବୟନିକା ୧୦୭କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏହା ବ୍ୟତୀତ ବୁଣାକାରମାନଙ୍କ ସାମାଜିକ ତଥା ଅର୍ଥନୈତିକ ମାନଦଣ୍ଡ ଅଭିବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ବୟନିକା ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମ ମାଧମ ଓଡ଼ିଶାର ବିଭିନ୍ନ ପ୍ରମୁଖ ହସ୍ତତନ୍ତ୍ର ବସ୍ତ୍ରର ଭୌଗଳିକ ସୂଚକ ଅନୁବନ୍ଧକ, ବିଭିନ୍ନ ଦେଶୀୟ ଅନ୍ତର୍ଦ୍ଦେଶୀୟ ମେଳା ମାଧମରେ ଓଡ଼ିଶା ବସ୍ତ୍ରର ପ୍ରଚାର ପ୍ରସାର, ଉଚିତ ମୂଲ୍ୟରେ ଉନ୍ନତ ମାନର କଞ୍ଚାମାଲ ଯୋଗାଣ ଆଦି କାର୍ଯ୍ୟ କରୁଛି ବୋଲି ଆଲୋଚନା ହୋଇଥିଲା। ବର୍ତ୍ତମାନର ଯାନ୍ତ୍ରିକ ଯୁଗରେ ମଧ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପୂଆପାଟଣା ଖଣ୍ଡୁଆ ଶାଢ଼ୀ, ସୋନପୁରୀ ବମକେଇ ଶାଢ଼ୀ, କୋଟପାଡ ଶାଢ଼ୀ, ଯାଜପୁର ଜିଲା ଅନ୍ତର୍ଗତ ଗୋପାଳପୁରର ଟସର ବସ୍ତ୍ର ଆଦି ଦେଶ ବିଦେଶରେ ଆଦୃତ ଲାଭ କରିଛି ବୋଲି ମଧ ଆଲୋଚନା ହୋଇଥିଲା।

# ରୋହିଦାସ ସିଂନାଗ୍‌ଙ୍କ ଜୟନ୍ତୀ

ବଡ଼ସାହି,୫।୨(ସ୍ୱ.ପ୍ର)

ମୁଣ୍ଡାରୀବାନୀ ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ୍‌ଙ୍କ ୮୬ତମ ଜୟନ୍ତୀ ବଡସାହି ବ୍ଲକ ନାଉପାଳ ପଞ୍ଚାୟତ ଅସ୍ତଝରଣ ଗ୍ରାମ ମା' ଚିନ୍ତାମଣି ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଆଦିବାସୀ ଯୁବଛାତ୍ର ସଂଗ୍ରାମୀ ବାଜି ସିଂଙ୍କ ନେତୃତ୍ୱରେ ଶତାଧିକ ମୁଣ୍ଡାରୀ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇଥିଲେ। ପ୍ରାରମ୍ଭରେ ରୋହିଦାସ ସିଂ ନାଗଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଛି । ଅଭାବ ହିଁ ଆବିଷ୍କାରର ଜନନୀ ବୋଲି କୁହାଯାଏ। ଆଜିର ପ୍ରତିଯୋଗିତା ମୂଳକ ପରିବେଶରେ ସଂଖ୍ୟା ଲଘୁ ଓ ଅନେକ ଆଦିବାସୀ ଭାଷା ଲୋପ ପାଇବାକୁ ବସିଛି। 'ଯଦି ଲିପି ବଞ୍ଚିବ ତେବେ ଭାଷା ବଞ୍ଚି ପାରିବ, ଯଦି ଭାଷା ବଞ୍ଚିବ ତେବେ ଆମ ଜାତି ବଞ୍ଚିବ ବୋଲି ଅଲଗୁରୁ ସ୍ରଷ୍ଟା ରୋହିଦାସ ସିଂନାଗ୍ ଶିଷ୍ୟମାନଙ୍କୁ କହିଥିବା କଥାକୁ ସ୍ମରଣ କରିଥିଲେ। ମୁଖ୍ୟଅତିଥି ଭାବେ ନାଉପାଳ ସରପଞ୍ଚ ରୁହ୍ୟା ସିଂ, ସମ୍ମାନିତ ଅତିଥି ଭାବେ ମୁଣ୍ଡା ଯାତ୍ରା ଓ ଆଲବମ ନିର୍ଦ୍ଦେଶକ ଦଶରଥ ସିଂ, ଶିକ୍ଷୟିତ୍ରୀ ମୁଗୁନୀମଣି ସିଂ, ୱାର୍ଡସଭ୍ୟ ଗୁରାଚାନ୍ଦ ସିଂ ଓ ରୋହିଦାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ସଂଘର ସଦସ୍ୟ ରବୀନ୍ଦ୍ର ସିଂ, ଗୌର ମୋହନ ସିଂ, ଶୁକ୍ରା ସିଂ, ସୁନ୍ଦର ମୋହନ ସିଂ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ତୁତିଚାରଣ କରିବା ସହିତ ମୁଣ୍ଡାରୀ ଭାଷା ଓ ଲିପିର ପ୍ରସାର ସହିତ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦାବି କରିଛନ୍ତି । ଗ୍ରାମର ମହିଳା ପୁରୁଷ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ମୁଣ୍ଡାରୀ ସମ୍ପ୍ରଦାୟ ପକ୍ଷରୁ ଜୟନ୍ତୀ ପାଳିତ।

## ବିଦ୍ୟୁତ୍ କାଟ ବନ୍ଦ ପାଇଁ ଦାବି

ବଡ଼ସାହି, ୫।୨(ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଞ୍ଚଳରେ ପ୍ରତିଦିନ ହେଉଥିବା ବିଦ୍ୟୁତ କାଟ୍ ବନ୍ଦ କରିବା ପାଇଁ ନାଉପାଳ ପଞ୍ଚାୟତ ଅସ୍ତଝରଣ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ଖୁଣ୍ଟା ବିଦ୍ୟୁତ ସବ୍‌ଡିଭିଜନ ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦୁଇ ଦିନ ମଧରେ ବିଦ୍ୟୁତ୍ କାଟ ବନ୍ଦ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ବାଜି ସିଂ, ଶୁକୁରା ସିଂ, ଅଜିତ କୁମାର ସିଂ, ମହେଶ୍ୱର ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି । ବୈଦ୍ୟପୁର ଷ୍ଟ୍ରକଚର୍ ଅଧୀନରେ ଥିବା ଗ୍ରାମ ଗୁଡିକ ପ୍ରତିଦିନ ୬ଘଣ୍ଟାରୁ ଅଧିକ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଛି। କୌଣସି କାରଣ ନଥାଇ ବିଭାଗ ପକ୍ଷରୁ ଦିନ ରାତି ବିଦ୍ୟୁତ କାଟ କରୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସନ୍ଧ୍ୟାରେ ଘନ ଘନ ବିଦ୍ୟୁତ କାଟ୍ ହେଉଥିବାରୁ ପିଲାମାନେ ପାଠପଢ଼ି ପାରୁନାହାନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ଶକ୍ତି ସଞ୍ଚୟ କରୁଛନ୍ତି ବୋଲି ଗ୍ରାମର ଉପଭୋକ୍ତା ରାଜେଶ କୁମାର ସିଂ, କ୍ଷେତ୍ରମୋହନ ସିଂ, ନାଗେଶ୍ୱର ମହାନ୍ତ, ଗୌତୁମୀ ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ୨୭ରେ ବାୟୁସେନା କର୍ମଚାରୀ ଚୟନ ଶିବିର

ବାରିପଦା ଅଫିସ, ୫।୨



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆରେ ୨୭ ତାରିଖରେ ବାୟୁ ସେନା କର୍ମଚାରୀ ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଜିଲା ପ୍ରଶାସନ ସହଯୋଗରେ ୯ ଏୟାରମ୍ୟାନ ସିଲେକ୍ସନ ସେଣ୍ଟର ଅଫ ଭୁବନେଶ୍ୱର ପକ୍ଷରୁ ଶିବିରରେ କର୍ମଚାରୀ ନିଯୁକ୍ତି କରାଯିବ ବୋଲି ଜଣାଯାଇଛି। ଜିଲା ପ୍ରଶାସନ ଏଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ଏହି ଶିବିର ଫେବୃୟାରୀ ୨୭ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୪ ଦିନ ଧରି ଅନୁଷ୍ଠିତ ହେବ। ୨୭ରେ ଅନୁଗୁଳ, ବରଗଡ, ବଲାଙ୍ଗିର, ବୌଦ୍ଧ, ଦେଓଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ଖୋର୍ଦ୍ଧା, ନୁଆପଡ଼ା, ସୋନପୁର ଜିଲାର ଆଶାୟୀ ଛାତ୍ରୀଛାତ୍ର ଯୋଗ ଦେବେ। ମାର୍ଚ୍ଚ ୧ରେ ବାଲେଶ୍ୱର, ଭଦ୍ରକ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ ଓ ସମ୍ବଲପୁର ଜିଲାର ଛାତ୍ରୀଛାତ୍ର ଯୋଗ ଦେବେ ବୋଲି ଜଣାଯାଇଛି। ବିଜ୍ଞାନରେ ଯୁକ୍ତ ୨ ପାସ କରିଥିବା ୧୭ରୁ ୨୧ବର୍ଷ ବୟସର ଛାତ୍ରୀଛାତ୍ର ଶିବିରରେ ଭାଗ ନେବେ। ବାୟୁ ସେନା କର୍ମଚାରୀ ଓ ଜିଲା ନିୟୋଜନ ଅଧିକାରୀ ବିଜୟ କୁମାରୀ ପାତ୍ର ଜିଲାର ସମସ୍ତ ଡିଗ୍ରୀ ବିଜ୍ଞାନ କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିବା ଆଲୋଚନା କରାଯାଇଥିଲା। ଯେଉଁ ଛାତ୍ରୀଛାତ୍ର ଏହି ଶିବିରରେ ଭାଗ ନେବେ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ପରେ ସେମାନଙ୍କୁ ଆସନ୍ତା ୧୫ରୁ ୨୫ ତାରିଖ ଯାଏଁ ୧୦ ଦିନ ପର୍ଯ୍ୟନ୍ତ ମାଗଣା ତାଲିମ ପ୍ରଦାନ କରାଯିବ। ତାଲିମ ପାଇଁ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ବାୟୁ ସେନାରେ ନିଯୁକ୍ତ ପରୀକ୍ଷା ସମ୍ପର୍କରେ ତାଲିମ ଦିଆଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାରିପଦା କଲେଜଠାରେ ପ୍ରତିଦିନ ୩ ଘଣ୍ଟା ଲେଖାଏଁ ତାଲିମ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବାୟୁ ସେନା ଅଧିକାରୀଙ୍କ ସହ ଅତିରିକ୍ତ ଜିଲାପାଳ ଆବୋଲି ନରଭାଣେ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଓ ଜିଲାର ସମସ୍ତ ଡିଗ୍ରୀ ସାଇନ୍ସ କଲେଜର ପ୍ରିନ୍ସିପାଲ ଉପସ୍ଥିତ ଥିଲେ।

**ବାରିପଦା ଛଉ ପଡ଼ିଆ**

■ରାଜ୍ୟରୁ ଯୋଗଦେବେ ଆଶାୟୀ ଛାତ୍ରୀଛାତ୍ର

■୧୦ ଦିନିଆ ସ୍ୱତନ୍ତ୍ର ତାଲିମ ଦେବ ଜିଲା ପ୍ରଶାସନ

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମ୍ୟ କୃଷି କର୍ମଚାରୀ

ବାରିପଦା ଅଫିସ, ୫।୨

କୃଷକମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦିଆଯିବା ସହ ସେମାନଙ୍କ ସହିତ ସିଧାସଳଖ ସମ୍ପର୍କ ରଖିବା ଲାଗି କାଳିଆ ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନା ଆଦି ଯୋଜନା କରାଯାଉଛି। ଏସବୁ ଯୋଜନାର ସଫଳ ରୂପାୟନ ଲାଗି କୃଷି ବିଭାଗର ତୃଣମୂଳ ସ୍ତରରେ କର୍ମଚାରୀମାନଙ୍କଠାରୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟ କରୁଛନ୍ତି। ହେଲେ କେବଳ ଅଧିକାରୀମାନଙ୍କ କ୍ଷେତ୍ରରେ କ୍ୟାଡର ପୁନର୍ଗଠନ ସହ ପଦୋନ୍ନତି ସୁବିଧା ଦିଆଯାଉଥିବା ବେଳେ ନିମ୍ନସ୍ତରରେ କାର୍ଯ୍ୟ କରୁଥିବା ୩ୟ ଶ୍ରେଣୀ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଏହାର ପ୍ରତିବାଦ କରି ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ମୟୂରଭଞ୍ଜ ଶାଖା ପକ୍ଷରୁ ମଙ୍ଗଳବାର ଆନ୍ଦୋଳନ ଆରମ୍ଭ ହୋଇଛି। ବିଭିନ୍ନ ଦାବିରେ ୭ଦିନ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଛି।

ଦାବିଗୁଡିକ ମଧରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ନାମକୁ ପରିବର୍ତ୍ତନ କରାଯାଇ ପଞ୍ଚାୟତ କୃଷି ଅଧିକାରୀ କରାଯିବା, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକମାନଙ୍କ କ୍ୟାଡର ପୁନଃ ଗଠନ କରାଯିବା ଆଦି ରହିଛି। ଦାବିପୂରଣ ନ ହେଲେ ୧୨ତାରିଖଠାରୁ ସମୂହ ଛୁଟିରେ ଯିବେ ବୋଲି ମୟୂରଭଞ୍ଜ ଜିଲା ଶାଖାର ସଭାପତି ହେମନ୍ତ କୁମାର ବେହେରା, ସମ୍ପାଦକ ତୁଷାରକାନ୍ତି ମହାନ୍ତି ଜଣାଇଛନ୍ତି।




କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

## ■ ପ୍ରସବ ପାଇଁ ଟଙ୍କା ନିଆଯାଇଥିବା ଅଭିଯୋଗ

# ଧାରଣା ଦେଲେ ପ୍ରସୂତିଙ୍କ ପରିବାର ଲୋକେ

ବାରିପଦା ଅଫିସ, ୫।୨



ରୋଗୀଙ୍କ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲ ଜଣେ ମହିଳା କର୍ମଚାରୀ ପ୍ରସବ କରାଇବା ଲାଗି ଜଣେ ପ୍ରସୂତିଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ମଙ୍ଗଳବାର ପ୍ରସୂତିଙ୍କ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ପ୍ରସୂତିଙ୍କ ସମ୍ପର୍କୀୟ ଗୀତାଳି ସୋରେନଙ୍କ ଅଭିଯୋଗ ଅନୁସାରେ ସେ ମଙ୍ଗଳବାର ସକାଳ ୬ଟାରେ ତାଙ୍କ ସାନ ଭାଇ ନରସିଂହ ସୋରେନଙ୍କ ସ୍ତ୍ରୀ ଜୟନ୍ତୀଙ୍କ ପ୍ରସବ ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଜୟନ୍ତୀ ପ୍ରସବ ଯନ୍ତ୍ରଣା ଭୋଗୁଥିବା ବେଳେ ସେ ଜଣେ ମହିଳା କର୍ମଚାରୀଙ୍କୁ ଡାକିଥିଲେ। ହେଲେ ସେ ପ୍ରସବ କରାଇବା ପାଇଁ ତାଙ୍କୁ ୫ଶହ ଟଙ୍କା ମାଗିଥିଲେ। ଗୀତାଳି ବହୁ କଷ୍ଟରେ ୫ ଶହ ଟଙ୍କା ଯୋଗାଡ କରି ତାଙ୍କୁ ଦେଇଥିଲେ। ହେଲେ ଶିଶୁଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିବା ମହିଳା କର୍ମଚାରୀଜଣକ ଆସି ଜଣାଇଥିଲେ। ଏଣୁ ଟଙ୍କା ପାଇଁ ଠିକ୍ ସମୟରେ ତାଙ୍କର ପ୍ରସବ କରା ନ ଯିବାରୁ ଶିଶୁଟିର ମୃତ୍ୟୁ ହୋଇଥିବା ଗୀତାଳି ଅଭିଯୋଗ କରିଛନ୍ତି। ଉକ୍ତ ମହିଳା କର୍ମଚାରୀଙ୍କୁ ବହିଷ୍କାର କରାଯିବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ଏକ ଦାବିପତ୍ର ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ନରେନ୍ଦ୍ରନାଥ ସୋରେନ କହିଛନ୍ତି ଯେ, ପିଲାଟିର ଓଜନ ୧.୫ କେଜି ଥିଲା। ତାର ମୃତ୍ୟୁ କିପରି ହେଲା ତାହାର ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ। ଅନ୍ୟପଟେ ମହିଳା କର୍ମଚାରୀଜଣକ ଟଙ୍କା ନେଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ତୁରନ୍ତ ତାଙ୍କୁ ପ୍ରସୂତି ୱାର୍ଡରୁ ବାହାର କରାଯାଇ ଅନ୍ୟ ୱାର୍ଡ ଦାୟିତ୍ୱ ଦିଆଯାଇଛି। ବିଭାଗୀୟ ତଦନ୍ତ ସରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।






## ବଳାତ୍କାରୀଙ୍କୁ ବର୍ଷେ ଜେଲ୍

**ଧାମନଗର,୫।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର କୋର୍ଟ ଦୌରାଜଜ ଜିତେନ୍ଦ୍ରୀୟ ପାଣୀଗ୍ରାହୀ ଧୂଷୁରୀ ଥାନା ଅଧିନ ନାନ୍ଦପୁର ଗ୍ରାମର ସୁଶାନ୍ତ ଦାସଙ୍କୁ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ୧ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି। ସୁଶାନ୍ତ ଅସଦାଚରଣ କରିଥିବା ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ଥାନା ଏଏସଆଇ ପ୍ରଦିପ ନାୟକ ଘଟଣାର ତଦନ୍ତ କରି ସୁଶାନ୍ତ (ଫୁକି)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲେ। ଧାମନଗର କୋର୍ଟରେ ତୁରନ୍ତ ବିଚାର ଆରମ୍ଭ ହୋଇଥିଲା। ବିଚାରପତି ପାଣିଗ୍ରାହୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ବିଷ୍ଣୁ ମୋହନ ପତି ଏବଂ ଅମରେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ। ଏନେଇ ଏକ ମାମଲା (ନଂ.୧୨୯/୧୮) ରୁଜୁ କରି ଧାମନଗର କୋର୍ଟରେ ଜିଆର (ନଂ.୨୬୪/୧୮) ରୁଜୁ ହୋଇଥିଲା ।

# ଶିମିଳିପାଳ ବିସ୍ଥାପିତ କଲୋନୀରେ ଅଗ୍ନିକାଣ୍ଡ: ୨୪ ଘର ପାଉଁଶ

**ବାରିପଦା ଅଫିସ, ୫।୨**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଶିଆଳିନଇଁ ଗ୍ରାମରେ ଥିବା ବିସ୍ଥାପିତ କଲୋନୀରେ ସୋମବାର ରାତିରେ ନିଆଁ ଲାଗି ୨୪ ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଧନହାନୀ କିମ୍ବା ଜୀବନ ହାନି ହୋଇ ନ ଥିବା କରଞ୍ଜିଆ ଏସିଏଫ ବଟକୃଷ୍ଣ ପାଢ଼ୀ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ, ତହସିଲଦାର ପହଞ୍ଚି ଥିଲେ। ଏସିଏଫ ପାଢ଼ୀଙ୍କ କହିବା ମୁତାବକ କଲୋନିରେ ନିଆଁ ଲାଗିଥିବା ଖବର ପାଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଗ୍ରାମକୁ ଆସି ନିଆଁକୁ ଆୟତ କରିଥିଲେ। ଆଉ କିଛି ସମୟ ପରେ ପୁନର୍ବାର ନିଆଁ ଲାଗି ଯାଇଥିଲା। ପୁଣି ଥରେ ଦମକଳ ବାହିନୀ ଆସି ନିଆଁକୁ ଲିଭାଇ ଥିଲେ। ଗତ ଜାନୁୟାରୀ ୨୩ ରାତିରେ ନିଆଁ ଲାଗି ୧୬ ଘର ଜଳି ଯାଇଥିଲା। ଏଥିରେ ଜଣେ ମହିଳା ପୋଡି ହୋଇ ଗୁରୁତର ହୋଇଥିଲେ। ଘରର ଆସବାବପତ୍ର ସହ ଧାନ, ଚାଉଳ ଓ ବିଭିନ୍ନ ସରମଗ୍ରୀ ନଷ୍ଟ ହୋଇଥିଲା। ଶିମିଳିପାଳର ବଫର ଏରିଆରେ ରହୁଥିବା ୭୩ ପରିବାରକୁ ଗତ ଜୁନ ୨୦୧୮ରେ ସ୍ଥାନାନ୍ତରିତ କରାଯାଇ ଶିଆଳିନଇଁ ଗାଁରେ ବିସ୍ଥାପିତ କରାଯାଇଥିଲା।



ଜଳି ଯାଇଛି ବିସ୍ଥାପିତଙ୍କ ଘର।

## ସୀତାକୁଣ୍ଡରେ ବୁଡ଼ି ଯୁବକ ମୃତ

**ବାରିପଦା ଅଫିସ, ୫।୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଲୁଲୁଙ୍ଗଠାରେ ଥିବା ଜଳପ୍ରପାତ ସୀତାକୁଣ୍ଡରେ ବୁଡିଯାଇ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଜଣକ ହେଲେ କୁଳିଅଣା ଥାନା ଅଧୀନ ରଘୁନାଥଗର ରୋହିତ ଦାସସିଂ। ସେ ମଙ୍ଗଳବାର ତାଙ୍କ କେତେକ ସାଙ୍ଗମାନଙ୍କ ସହିତ ଏଠାକୁ ବୁଲିବାକୁ ଆସିଥିଲେ। ସେ ସୀତାକୁଣ୍ଡରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ବୁଡିଯାଇଥିଲେ। ଖବରପାଇ ଦମକଳବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ଚିକିତ୍ସା ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବାରିପଦା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୧୯) ରୁଜୁକରାଯାଇଥିବା ଥାନା ଅଧିକାରିଣୀ କହିଛନ୍ତି।

## ବସ୍ ଭଙ୍ଗାରୁଜା, କଲେଜ କର୍ମଚାରୀଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ, ୫।୨**

ଭଦ୍ରକ ବରପଦା ସ୍ଥିତ ଇଞ୍ଜିନିୟରିଂ କଲେଜର କର୍ମଚାରୀ ମାନେ ସୋମବାର ଭୁବନେଶ୍ୱର ଲୋଏର ପିଏମ୍‌ଜିରେ ଆନ୍ଦୋଳନ ସାରି ଭଦ୍ରକ ଫେରୁଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ବସ୍ ଯୋଗେ ଫେରୁଥିବା ବେଳେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାନ୍ଦିଆ ଓଭରବ୍ରିଜ ନିକଟରେ ସେମାନଙ୍କ ବସକୁ ସ୍ଥାନୀୟ କିଛି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ଅଟକାଇ ବସ୍‌ର କାଚ ଭାଙ୍ଗିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହାକୁ ବିରୋଧ କରିବାରୁ ଇଞ୍ଜିନିୟରିଂ କଲେଜର କିଛି କର୍ମଚାରୀ ଆହତ ହୋଇଛନ୍ତି। ଖବର ପାଇ ଗ୍ରାମାଞ୍ଚଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। କଲେଜର କର୍ମଚାରୀ ଅର୍ଜୁନ ନାୟକ, ରଶ୍ମିକାନ୍ତ ପଣ୍ଡା, ଦିଗାମ୍ବର ନାୟକ ଆହତ ହୋଇଥିବା ଜଣାପଡିଛି। ଏନେଇ ଆହତ କର୍ମଚାରୀଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଥାନାରେ ଏତଲା ଦାଏର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କର୍ମଚାରୀ ମାନେ ପୂର୍ବତନ ପରିଚାଳନା କମିଟି ବିରୋଧରେ ଭୁବନେଶ୍ୱରରେ ଆନ୍ଦୋଳନ କରିଥିବାରୁ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଯଦି ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଗିରଫ କରା ନ ଯାଏ ତେବେ କର୍ମଚାରୀ ମାନେ ଏସ୍‌ପି ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଥାନାରେ ଚାଷୀ ଅଟକ

ପାଟଣା, ୫।୨(ସ୍ୱ.ପ୍ର.): ସ୍ଥାନୀୟ ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନର ୨ ସଦସ୍ୟଙ୍କୁ ମଙ୍ଗଳବାର ଅପରାହ୍ନରେ ପୋଲିସ ପାଟଣା ଥାନାରେ ଅଟକ ରଖିଛି। ସେମାନେ ହେଲେ ଡିଆନାଳି ଗ୍ରାମର ଗୌତମ ମହାନ୍ତ ଓ ବଡ଼ଜାମୁପଶି ଗ୍ରାମର ଧନେଶ୍ୱର ମୁଣ୍ଡାରୀ। ପ୍ରାଇସ, ପେନସନ ଓ ପ୍ରେଷ୍ଟିଜ ଦାବିରେ ସଙ୍ଗଠନ ତରଫରୁ ବୁଧବାର ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ ଡାକରା ଦିଆଯାଇଛି। ଏପରି ଅଟକକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ୧୩ରେ ମଦ ବିରୋଧୀ ରାଲି

କେନ୍ଦୁଝର, ୫।୨(ସ୍ୱ.ପ୍ର.): ୧୩ ତାରିଖରେ ମଦ ବିରୋଧୀ ରାଲି ହେବା ନେଇ ପାଟଣା ବ୍ଲକ ତୁରୁମୁଙ୍ଗାର ବୈତରଣୀ ମହିଳା ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁରୁଣା ଶିବ ମନ୍ଦିରରୁ ପାଟଣା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମହିଳା ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ସଭା କରିବେ ବୋଲି ଜଣାପଡ଼ିଛି। ମଦ ଯୋଗୁଁ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ଘରୋଇ ହିଂସା, ଅପରାଧ, ଦୁର୍ଘଟଣା ତଥା ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଲି ଆୟୋଜନ କରାଯିବ ବୋଲି କୁହାଯାଇଛି।

### ହିନ୍ଦୀ ଶିକ୍ଷକଙ୍କ 'କବିତା ଲହରୀ' ଉନ୍ମୋଚିତ



ଆନନ୍ଦପୁର, ୫।୨(ସ୍ୱ.ପ୍ର.): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୁସ୍ତକ 'କବିତା ଲହରୀ' ଉନ୍ମୋଚିତ ହୋଇଯାଇଛି। ପଡୋଶୀ ଜିଲା ଯାଜପୁରର ରଗଡିଠାରେ ମା' କାମୁଡେଇ ସାହିତ୍ୟ ଓ ସଂସ୍କୃତି ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଏହି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ମଦନମୋହନ କର, ଶରତ କୁମାର ଦାସ, କୁଞ୍ଜବିହାରୀ ଦାସ, ବନମାଳି ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ଚରଣ ଦାସ, ସୁକର୍ଣ୍ଣଚନ୍ଦ୍ର ରାଉତ, ଭୁବନ ମୋହନ ମହାନ୍ତି ପ୍ରମୁଖ ସାହିତ୍ୟିକ ଓ ବହୁ ମାନ୍ୟଗଣ୍ୟବ୍ୟକ୍ତି ଅତିଥି ଭାବେ ଉପସ୍ଥିତ ଥିଲେ।

### ଅଙ୍ଗାରୁଆରେ ଜଳିଗଲା ଦୁଇ ବଖରା

ଆନନ୍ଦପୁର,୫।୨(ସ୍ୱ.ପ୍ର.): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଁପୁର ପଞ୍ଚାୟତ ଅଙ୍ଗାରୁଆ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳି ଯାଇଛି। ଗ୍ରାମର କାବେରୀ ଜେନା ଓ ଭଞ୍ଜ ଜେନାଙ୍କର ଘର ପୋଡି ହୋଇଥିବା ଜଣାଯାଇଛି। କାବେରୀଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ତାଙ୍କ ପାଖରେ ଥିବା ଭଞ୍ଜ ଜେନାଙ୍କ ଘରକୁ ନିଆଁ ବ୍ୟାପିଥିଲା। ନିଆଁରୁ ଆୟତ କରିବା ପାଇଁ ସ୍ଥାନୀୟ ଲୋକେ ଉଦ୍ୟମ କରିଥିଲେ। ଘସିପୁରା ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଉଭୟ ପରିବାର ଅର୍ଥକ ଅନଗ୍ରସର ବର୍ଗର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ୨୪ ଘଣ୍ଟିଆ ରକ୍ତଦାନ ସୁବିଧା ଆରମ୍ଭ

କେନ୍ଦୁଝର, ୫।୨(ସ୍ୱ.ପ୍ର.): କେନ୍ଦୁଝର ପୋଲିସ ପକ୍ଷରୁ ଏକ ମହାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମସ୍ତେ ସବୁବେଳେ ରକ୍ତ ପାଇପାରିବେ ସେ ନେଇ ଆରମ୍ଭ ହୋଇଛି ଅକ୍ଷୟ ରକ୍ତ (ରକ୍ତର ସମ୍ପର୍କ) କାର୍ଯ୍ୟକ୍ରମ। ଏହାଦ୍ୱାରା ରୋଗୀ ସବୁ ସମୟରେ ରକ୍ତ ପାଇପାରିବ ଏବଂ ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବଢ଼ିବ ବୋଲି ଏସପି ଜୟରାମ ପଙ୍କଜ କହିଛନ୍ତି। ୧୨୦ ଜଣ ପୋଲିସ ସ୍ୱେଚ୍ଛାକୃତ ରକ୍ତ ଦେବା ପାଇଁ ପ୍ରସ୍ତୁତ ଥିବା ବେଳେ ସୋମବାର ଜଣେ ଥାଲାସେମିଆ ରୋଗୀଙ୍କୁ ରକ୍ତଦାନ କରାଯାଇଥିଲା। ରକ୍ତ ସଂଗ୍ରହ ପାଇଁ କୌଣସି ଶିବିର କରାଯିବ ନାହିଁ। ରକ୍ତର ଆବଶ୍ୟକ ହେଲେ ସିଧାସଳଖ ସ୍ୱେଚ୍ଛାସେବୀ ପୋଲିସ ବାହିନୀ ରକ୍ତ ଦେବେ। ସବୁ ବ୍ଲଡ ଗ୍ରୁପର ରକ୍ତ ରୋଗୀ ପାଇପାରିବେ। ଏଥିପାଇଁ ଯୋଗାଯୋଗ କରିବାକୁ ବିଭିନ୍ନ ସ୍ଥାନରେ ସୂଚନା ପୋଷ୍ଟର ଲଗାଯାଇଛି। ପ୍ରଦିପ କୁମାର ପ୍ରଧାନ (୯୪୩୭୧୪୦୭୯୦) ଓ ନାରାୟଣ ନାୟକ (୯୪୩୮୩୪୧୯୮)ଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି। ପୋଲିସ ବିଭାଗର ଏଭଳି ଉଦ୍ୟମକୁ ଅନେକ ସ୍ୱାଗତ କରିଛନ୍ତି।

■ ଯୋଗାଣ ସାମଗ୍ରୀ ବଣ୍ଟନରେ ଅନିୟମିତତା

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ତେଲକୋଇ, ୫।୨(ଡି.ଏନ.ଏ.)



ପଞ୍ଚାୟତ ମୁଖ୍ୟାଳୟରେ ଲୋକେ ତାଲା ପକାଇଛନ୍ତି।

ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତରେ ଯୋଗାଣ ସାମଗ୍ରୀ ବଣ୍ଟନରେ ଅନିୟମିତତାକୁ ନେଇ ମଙ୍ଗଳବାର ୨ ହଜାରରୁ ଉର୍ଦ୍ଧ୍ୱ ମହିଳା କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ନଭେମ୍ବରର ଚାଉଳ, କିରୋସିନ, ଗହମ ଆଦି ସାମଗ୍ରୀ ହିତାଧିକାରୀଙ୍କୁ ଦିଆଯାଇ ନାହିଁ। ଉକ୍ତ ପଞ୍ଚାୟତ ଅଧୀନରେ ମୟା ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପିଡିଏସ ସାମଗ୍ରୀ ବଣ୍ଟନ ଦିଆ ମିଳିଛି। ଉକ୍ତ ମହିଳା ଗୋଷ୍ଠୀଙ୍କୁ ଉପେକ୍ଷା କରି ସ୍ଥାନୀୟ ସରପଞ୍ଚ ରିଙ୍କି ନାଏକ ଏବଂ ତାଙ୍କ ଶ୍ୱଶୁର କରଣୀ କର ମହାନ୍ତ ଚାଉଳ ବଣ୍ଟନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୋଗାଣ ବିଭାଗ ଓ ବିଡିଓଙ୍କୁ ପୂର୍ବରୁ ଅଭିଯୋଗ ହୋଇଛି। ଏହାର ସୁଫଳ ନ ମିଳିବାରୁ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ବିଡିଓ ଦିଲ୍ଲୀପ କୁମାରା ବାରା ଓ ଯୋଗାଣ ଅଧିକାରୀ ଲକ୍ଷ୍ମଣ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସାମଗ୍ରୀ ହଡ଼ପର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ସହ ଗ୍ରାମସେବକଙ୍କ ଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ ସାମଗ୍ରୀ ବଣ୍ଟନର ନିଷ୍ପତ୍ତି ପାଇଁ ପ୍ରତିଶ୍ରୁତି ମିଳିଛି। ପ୍ରତିଶ୍ରୁତି ମିଳିବା ପରେ ହିତାଧିକାରୀ ପଞ୍ଚାୟତରୁ ତାଲା ଖୋଲିଥିଲେ। ପଞ୍ଚାୟତର ବ୍ଲକ ଯୁବ ବିଜେଡି ସଭାପତି ନିଳମଣୀ ଦେହୁରୀ ନେତା ଲୁଲୁ ରାଉତ ଆନ୍ଦୋଳନକାରୀଙ୍କ ନେତୃତ୍ୱ ନେଇଥିଲେ।

## ଧାରଣାରେ ବସିଲେ ଦମ୍ପତି

କେନ୍ଦୁଝର, ୫।୨(ସ୍ୱ.ପ୍ର.)

ରାସ୍ତା ଅବରୋଧ ହଟାଇବା ସହ ସ୍ଥାୟୀ ସମାଧାନ ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନନ୍ଦିପଦା ଥାନା ଅନ୍ତର୍ଗତ କଳିଙ୍ଗା ଗ୍ରାମର ଦମ୍ପତି ଅନଶନରେ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ ଶାନ୍ତିଲତା ସେଠୀ ଓ ଅଭିରାମ। ଅଭିଯୋଗ ଅନୁଯାୟୀ, ତାଙ୍କ ଘର ନିକଟକୁ ଯାଇଥିବା ରାସ୍ତାକୁ ଜଣେ ଲୋକ ଅବରୋଧ କରିଛନ୍ତି। ଯାତାୟାତ କରି ହେଉନି। ଏ ନେଇ ଅଭିଯୋଗ ପରେ ଥାନାରେ ଆପୋଷ ବୁଝାମଣା ହୋଇଥିଲା। ଫଇସଲା ନ ହେବା ଯାଏ ରାସ୍ତା ଅବରୋଧ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହାସତ୍ତ୍ୱେ ରାସ୍ତାକୁ ଅବରୋଧ କରାଯାଇଥିଲେ ହେଁ ପୋଲିସ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ବାଧ ହୋଇ ଅନଶନରେ ବସିଥିବା ଦମ୍ପତି କହିଛନ୍ତି। ଏହାର ସ୍ଥାୟୀ ସମାଧାନ କରି ରାସ୍ତା ଖୋଲିବାକୁ ଦାବି କରିଛନ୍ତି। ଜିଲାପାଳଙ୍କ ଆଦେଶକ୍ରମେ ହାଟଡ଼ିହୀ ତହସିଲଦାର ଗାୟତ୍ରୀ ସୋରେନ ସେମାନଙ୍କୁ ବୁଝାସୁଝା କରିଥିଲେ।

## ପଦକ୍ଷେପ ନ ନେଲେ ଅନଶନ

କେନ୍ଦୁଝର, ୫।୨(ସ୍ୱ.ପ୍ର.)

ବାଂଶପାଳ ବ୍ଲକରେ ଦୁର୍ନୀତି ପ୍ରତିବାଦରେ ବାରମ୍ବାର ଅଭିଯୋଗ ସହ ଆନ୍ଦୋଳନ କରାଯାଉଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ମହିଳା ସଙ୍ଗଠନ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପଦକ୍ଷେପ ନିଆ ନ ଗଲେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ବାଂଶପାଳ ବ୍ଲକରୁ ଆସିଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ କହିଛନ୍ତି। ଓଡ଼ିଶା ଜୀବିକା ମିଶନ ଅଧୀନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆ ଯାଇଥିବା ଆର୍ଥିକ ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

■ ରାଜ୍ୟସ୍ତରୀୟ ମା' ବରାହୀ ଫୁଟବଲ ଟୁର୍ନାମେଣ୍ଟ

## କଟକ ସ୍ପୋର୍ଟସ ହଷ୍ଟେଲ୍ ଚାମ୍ପିୟନ୍

ହାଟଡିହୀ, ୫।୨(ଡି.ଏନ.ଏ.)

ହାଟଡିହୀ ବ୍ଲକ ବଞ୍ଚୋ ଖେଳ ପଡ଼ିଆରେ ମା' ବରାହୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ କଟକ ସ୍ପୋର୍ଟସ ହଷ୍ଟେଲ୍ ୨-୦ ଗୋଲରେ କିଶୋର କ୍ଲବ ଭୁନେଶ୍ୱରକୁ ହରାଇ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ପ୍ରିୟବ୍ରତ ବାହିନପତି, ପ୍ରଶାନ୍ତ ପାଲ, ଶିବ ପ୍ରସାଦ ଦାସ, ଦିଗବିଜୟ ଦାସ ରେଫେରୀ ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଅବସରରେ ଦୁଇ ଗୋଟି ମହିଳା ଫୁଟବଲ ଟିମ୍ ଦ୍ୱାରା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କବି ଅଶୋକ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଧାଗୋବିନ୍ଦ ଦାଶ, ସଞ୍ଜୟ ରାଉତ, ଅନନ୍ତ ଚରଣ ମହାନ୍ତି, ସନାତନ ପଟ୍ଟନାୟକ, ମାର୍କଣ୍ଡ ଚରଣ ଓଝା, ଦୟାନିଧି ରାଉତ, ଗୌରାଙ୍ଗ ଚରଣ ରାଉତ, ପ୍ରଶାନ୍ତ ପଟ୍ଟନାୟକ, ଅଚ୍ୟୁତାନନ୍ଦ ଜେନା, ଭରତ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚମ୍ପିୟନ୍ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ବଞ୍ଚୋ ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରଶାନ୍ତ ରାଉତ, ମହେନ୍ଦ୍ର ରାଉତ, ବିକ୍ରମ କେଶରୀ ରାଉତ, ସତ୍ୟପ୍ରକାଶ ସେଠୀ, ସୁଭାଦ୍ରୀ ବଳିଆର୍ ସିଂ, ଅନୁରାଗ ବଳିଆରସିଂ, ବିକ୍ରମ ଦେବ, ଦେବାଶିଷ ନାୟକ, ପ୍ରଦୀପ ରାଉତ, ରଶ୍ମୀ ରଞ୍ଜନ ରାଉତ, ମାନସ ବିଶ୍ୱାଳ, ବିପ୍ଳବ ରାଉତ, ପ୍ରମୋଦ ରାଉତ, ଭରତ ଚନ୍ଦ୍ର ରାଉତ, ସୁଦିପ୍ତ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାହ୍ୟ ମଳମୁକ୍ତ ପଞ୍ଚାୟତ ସରେଇ

ଚମ୍ପୁଆ, ୫।୨(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ସରେଇ ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛ ଭାରତ ସମ୍ପର୍କିତ ସ୍ଲୋଗାନ ଦେଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ସରେଇ ଖେଳ ପଡ଼ିଆରେ ଏକ ସଭାକାର୍ଯ୍ୟ ଅୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରମଣି ନାଏକ, ସମ୍ମାନିତ ଅତିଥି ଭାବେ ବିଡିଓ ନୂପୁର ଚାନ୍ଦଗୋଟିଆ, ଏବିଡିଓ ଶରତ ଚନ୍ଦ୍ର ବାରିକ, ଗ୍ରାମ୍ୟ ଯୋଗାଣ ବିଭାଗ ନିର୍ବାହି ଅଧିକାରୀ ଧନଞ୍ଜୟ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରେଇ ପଞ୍ଚାୟତର ବହୁ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଅଧିବାସୀ ଓ ଛାତ୍ରୀଛାତ୍ରଙ୍କୁ ନିଜ ପଞ୍ଚାୟତ ସମେତ ବ୍ଲକ ଓ ଦେଶକୁ ସ୍ୱଚ୍ଛ ରଖିବା ପାଇଁ ସପଥ ପାଠ କରାଯାଇଥିଲା।

## ରାସ୍ତା ଖୋଲାକୁ ଗ୍ରାମବାସୀଙ୍କ ବିରୋଧ



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଯୋଡ଼ା, ୫।୨(ଡି.ଏନ.ଏ.)

ଲେବଲ କ୍ରସିଂ ନିର୍ମାଣ ପରିବର୍ତ୍ତେ ମୁଖ୍ୟ ରାସ୍ତାକୁ ମେଶିନ ଲଗାଇ ଖୋଳାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଯୋଡ଼ା ବ୍ଲକ ଅନ୍ତର୍ଗତ ତଥା ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ବିଲେଇପଦା-ଭାଗଲପୁର ରେଳଲାଇନ୍ ଦେଇଥିବା ରାସ୍ତାକୁ ରେଳ ବିଭାଗ ପକ୍ଷରୁ ଖୋଳି ଦିଆଯାଇଥିଲା। ଏ ନେଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଭିଯୋଗ କରି ଧାରଣାରେ ବସିଥିଲେ। ଉକ୍ତ ରାସ୍ତା ଉପରେ ବିଲେଇପଦା-ଭାଗଲପୁର, ସୋୟାବାଲି, ଗୋବରଧନପୁର, ଲହଣ୍ଡାର ମୁଣ୍ଡା ସାହିର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ବିଭାଗୀୟ କର୍ମଚାରୀ କର୍ଣ୍ଣପାତ କରି ନ ଥିଲେ। ଖବର ପାଇ ବିଲେଇପଦା ଫାଣ୍ଡିଅଧିକାରୀ ନରେଶ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ରେଳବାଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରେଳବାଇ ପୋଲିସ ଅଧିକାରୀ ହରେରାମ ସିଂଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାକୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

■ ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

## ଆୟୁଷ, ବିବେକଙ୍କ ଯୋଡ଼ି ଚାମ୍ପିୟନ



ଚାମ୍ପିୟନ ଯୋଡ଼ିକୁ ପୁରସ୍କାର ପ୍ରଦାନ କରାଯାଉଛି।

ବଡ଼ବିଲ, ୫।୨(ସ୍ୱ.ପ୍ର.)

ବଡ଼ବିଲ ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ୩-୨ ସେଟରେ ବିଜୟୀ ହୋଇ ଆୟୁଷ ଓ ବିବେକଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଶନିବାର ଓ ରବିବାର ଦୁଇ ଦିନ ଧରି ବଏଜ କ୍ଲବ ପକ୍ଷରୁ ଚାଲିଥିବା ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଓ କ୍ଲବ ପକ୍ଷରୁ ନବ ନିର୍ମିତ ଉଡେନ କୋଟକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବଡ଼ବିଲ ଏସଡିପିଓ ରାହୁଲ ଜୈନ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ବଡବିଲ, ଯେଡା, କେନ୍ଦୁଝର, କିରିବୁରୁ, ବଲାଣୀ, ନୂଆମୁଣ୍ଡି ଆଦି ଅଞ୍ଚଳରୁ ମୋଟ ୪୮ ଯୋଡି ଅଂଶଗ୍ରହଣ କରିଥିଲେ। ଫାଇନଲରେ ବଡବିଲର ମକଶୁଦ ଆଲମ ଓ ସରବଜୀତ ସିଂହ ଏବଂ କିରିବୁରୁର ଆୟୁଷ ଓ ବିବେକଙ୍କ ଯୋଡି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆୟୁଷ ଓ ବିବେକଙ୍କ ଯୋଡି ୨-୧ ସେଟରେ ମକଶୁଦ ଓ ସରବଜୀତଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଏବଂ ରନର୍ସଅପ୍ ଯୋଡିକୁ ଟ୍ରଫି ସହ ଯଥାକ୍ରମେ ୫ ହଜାର ୧ ଶହ ଓ ୩ ହଜାର ୧ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ଦେବରଞ୍ଜନ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ସମ୍ପାଦକ ଶରତ ପଣ୍ଡା, ସହସମ୍ପାଦକ ରସିଦ ଆନସାରୀ, କୋଷାଧକ୍ଷ ତାହିର ହୁସେନ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ପୋଖରୀରୁ ପଙ୍କ ଉଦ୍ଧାର କରାଯାଉ

କେନ୍ଦୁଝର, ୫।୨(ସ୍ୱ.ପ୍ର.)

କେନ୍ଦୁଝର ପୌରାଞ୍ଚଳ ୨୧ ନମ୍ବର ୱାର୍ଡରେ ଥିବା ପୋଖରୀର ପୁନରୁଦ୍ଧାର ଲାଗି ସ୍ଥାନୀୟ ଲୋକ ଓ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଖରୀରେ ସ୍ଥାନୀୟ ବହୁ ଲୋକ ନିର୍ଭର କରନ୍ତି। ପଙ୍କ ଉଦ୍ଧାର ହେଉ ନ ଥିବାରୁ ପୋତି ହେବାକୁ ବସିଛି। ପୋଖରୀର ଜଳଧାରଣ କ୍ଷମତା କମୁଥିବାରୁ ଜଳ ସମସ୍ୟା ଦେଖାଦେଉଛି। ପୁନରୁଦ୍ଧାର କରିବାକୁ ପୌରପ୍ରଶାସନକୁ ନିବେଦନ କରାଯାଇଥିଲେ ହେଁ ପଦକ୍ଷେପ ନିଆ ନ ଯିବାରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ହୋଇଛି। ଝାଡେଶ୍ୱର ପାତ୍ର, ଘନଶ୍ୟାମ ପାତ୍ର, ରକି ପାତ୍ର, ରଞ୍ଜିତ ପାତ୍ର ପ୍ରମୁଖ ଲିଖିତ ଅଭିଯୋଗ କରି ପୋଖରୀର ପଙ୍କ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।

## ପାତ୍ରତନ୍ତୀ କଲ୍ୟାଣ ସମିତି ବାର୍ଷିକ ଉତ୍ସବ

କେନ୍ଦୁଝର, ୫।୨(ସ୍ୱ.ପ୍ର.)

ନିଖିଳ ଉତ୍କଳ ପାତ୍ର ତନ୍ତୀ କଲ୍ୟାଣ ସମିତି କେନ୍ଦୁଝର ଜିଲା ଶାଖାର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲା ସଭାପତି ପରମେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ମୁଖ୍ୟ ଅତିଥି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମାଗୁଣି ଚରଣ ପାତ୍ର ମୁଖ୍ୟବକ୍ତା, ବିଜେଡି ଏସିସି ସେଲର ସଭାପତି ଭରତ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହରରେ ସମାଜର ଏକ ସାଂସ୍କୃତିକ ଭବନ ନିର୍ମାଣ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୭ରେ ଭାଜପା ଯୁବମୋର୍ଚ୍ଚାର ବିଧାନସଭା ଘେରାଉ

ଆନନ୍ଦପୁର/ଘସିପୁରା, ୫।୨(ସ୍ୱ.ପ୍ର.)

୭ରେ ଆନନ୍ଦପୁର ଭାଜପା ଯୁବ ମୋର୍ଚ୍ଚା ବିଧାନସଭା ଘେରାଉ କରିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା, ବେକାରୀ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ସମୟରେ ଦାବି କରାଯାଉଛି। ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଫକୀରପୁର ଭାଜପା କାର୍ଯ୍ୟାଳୟରେ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ କୁହାଯାଇଛି। ଏ ନେଇ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଧାରଣା ଦେବାର କାର୍ଯ୍ୟକ୍ରମ ରହିଛି।

କେନ୍ଦୁଝର ଜିଲା ଯୁବ ମୋର୍ଚ୍ଚା ସଂଯୋଜକ ଅରୁଣ ଉଦୟ ନାୟକଙ୍କ ସଂଯୋଜନାରେ ଆନନ୍ଦପୁର ଭାଜପା ନଗରମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଆଶିଷ କୁମାର ବେହେରା, ଆନନ୍ଦପୁର ଯୁବ ମୋର୍ଚ୍ଚା ସଂଯୋଜକ ସଚିନ ମଲ୍ଲିକ, ଶାଳଣିଆ ଭାଜପା ଯୁବ ମୋର୍ଚ୍ଚା ସମ୍ପାଦକ ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଖବରଦାତାଙ୍କ ପ୍ରଶ୍ନରଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ହରେକୃଷ୍ଣ ରଣା, ସୁଧାଂଶୁ ବେହେରା, ଶୁକଦେବ ପଣ୍ଡା, ପ୍ରଭାତ ମଲ୍ଲିକ, ପ୍ରିତମ ମିଶ୍ର,ମନୋରଞ୍ଜନ ମୁଖୀ, ଜଗନ୍ନାଥ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ଲକସ୍ତରୀୟ ଉଜ୍ଜ୍ୱଳ କାର୍ଯ୍ୟକ୍ରମ ଆରମ୍ଭ

ଚମ୍ପୁଆ, ୫।୨(ଡି.ଏନ.ଏ.)

ଚମ୍ପୁଆ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ବ୍ଲକସ୍ତରୀୟ ଉଜ୍ଜ୍ୱଳ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ୍ କରିଥିଲେ। ଚମ୍ପୁଆ ବ୍ଲକର ୩ ଗୋଟି କ୍ଲଷ୍ଟରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭଣ୍ଡା ଉଚ୍ଚ ବିଦ୍ୟାଳୟରେ ୪୨ ଜଣ, କାଶିପାଳ ଉଚ୍ଚ ବିଦ୍ୟାଳୟରେ ୪୨ ଜଣ ଓ ଚମ୍ପୁଆ ଗୋଷ୍ଠୀ ସାଧନ କେନ୍ଦ୍ରଠାରେ ୪୪ ଜଣ ପ୍ରାଇମେରୀ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ।

# ପିଲାଙ୍କ ସହ ଖୁସି ବାଣ୍ଟିଲେ

ହାଟଡିହୀ, ୫।୨(ଡି.ଏନ.ଏ.)



ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ଶିକ୍ଷାଦାନ ପାଇଁ କମ୍ପ୍ୟୁଟର ପ୍ରଦାନ

ହାଟଡିହୀ ବ୍ଲକ ବେରୁଣପଦୀ ନୋଡାଲ ସ୍କୁଲ ଓ ଉତ୍କଳ ଗୌରବ ଫାଉଣ୍ଡେଶନ ଟ୍ରଷ୍ଟକୁ ଆର୍ନ୍ତଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଦକ୍ଷିଣ ଏସିଆ ଆଞ୍ଚଳିକ ପ୍ରଶିକ୍ଷଣ ଓ ବୈଷୟିକ ସହାୟତା କେନ୍ଦ୍ରର ନିର୍ଦ୍ଦେଶକ ସୁଖବିନ୍ଦର ସିଂହ ସୋମବାର ପରିଦର୍ଶନରେ ଆସିଥିଲେ। ସ୍କୁଲ ପିଲାଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା ପାଇଁ ୨୦ ଅତ୍ୟାଧୁନିକ କମ୍ପ୍ୟୁଟର ପ୍ରଦାନ କରିଛନ୍ତି। ଶିକ୍ଷା ସହ ପିଲାଙ୍କୁ ରୋଜଗାରକ୍ଷମ କରିବା ପାଇଁ କମ୍ପ୍ୟୁଟର ଶିକ୍ଷା ବର୍ତ୍ତମାନର ଯୁଗରେ ଆବଶ୍ୟକ ଥିବା କହିଥିଲେ। ଉତ୍କଳ ଗୌରବ ଫାଉଣ୍ଡେଶନର ଟ୍ରଷ୍ଟି ଡ. ପ୍ରଦୀପ ସେଠୀ ନିଜ ଜନ୍ମ ମାଟିରେ ଗଢିଥିବା ଉକ୍ତ ଶିକ୍ଷା କେନ୍ଦ୍ରରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରୀଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା ଆଗକୁ ଏପରି ଭାବରେ ଜାରି ରହିବ ବୋଲି କହିଥିଲେ। ଅନ୍ୟତମ ଅତିଥି ସୁଧା ଜୋନେଜା ପିଲା ମାନଙ୍କର ଶିକ୍ଷା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଗ୍ରାମାଚଂଳର ସୁନ୍ଦର ପରିବେଶ ଓ ପିଲା ମାନଙ୍କ ସହ ଖୁସିର ମୂହୂର୍ତ ତାଙ୍କୁ ଆନନ୍ଦ ଦେଇଥିବା କହିବା ସହିତ ଏହି ମଧୁର ଅନୁଭୂତି ଚିର ସ୍ମରଣୀୟ ରହିବ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦୀପକ ସେଠୀ, ଟ୍ରଷ୍ଟର ଶିକ୍ଷକ ରମେଶ କୁମାର ମଲ୍ଲିକ, ସଞ୍ଜୟ ଗିରି, ରାଧା ଗିରି, ବେରୁଣପଦୀ ନୋଡାଲସ୍କୁଲ ପ୍ରଧାନ ଶିକ୍ଷକ ମାଧବାନନ୍ଦ ଆଇଚ ପ୍ରମୁଖ ଉପସ୍ଥିତ ଥିଲେ। ଘନଶ୍ୟାମ ସାହୁ, ବବି ସାହୁ, ସୁବାଷ ସାହୁ, ଦୁର୍ଯ୍ୟୋଧନ ସେଠୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ/ଶିକ୍ଷକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜନବସତି ମୁହାଁ ହାତୀପଲ

କେନ୍ଦୁଝର, ୫।୨(ସ୍ୱ.ପ୍ର.): ବାଂଶପାଳ ବ୍ଲକ ଭୂୟାଁ ଓ ଜୁଆଙ୍ଗ ପୀଢ ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ହାତୀପଲ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ଲାଗିଥିଲେ ହେଁ ରାତିରେ ଜନବସତି ଆଡକୁ ଚାଲି ଆସି ବ୍ୟାପକ କ୍ଷୟକ୍ଷତି କରିବା ଆଶଙ୍କା ରହିଛି। ହାତୀ ଦେଖିବାକୁ ଦିନବେଳେ ଲୋକଙ୍କ ଭିଡ ଜମିଥିଲା।

### ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ

ରାଇସୁଆଁ, ୫।୨(ଡି.ଏନ.ଏ.): କେନ୍ଦୁଝର ଜିଲା ରାଇସୁଆଁଠାରେ ସ୍ୱାସ୍ଥ୍ୟବିଭାଗ ତରଫରୁ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଡିଏମଓ ସ୍ୱରୂପ ମିଶ୍ର, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଶିବଚରଣ ବାଘ, ଜିଲାପରିଷଦ ଅଧକ୍ଷା କମଳିନୀ ପାତ୍ର, ଫାର୍ମାସିଷ୍ଟ, ପ୍ରଦୀପ ମହାନ୍ତି, ସରପଞ୍ଚ ପାୟ ମାର୍ଡି, ଷ୍ଟାପନର୍ସ ସ୍ୱାଗତୀକା ସାହୁ, ଆରତୀ ସାହୁ, ଟୁନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ହାଟଡିହୀ, ୫।୨(ଡି.ଏନ.ଏ.): ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ମରଚାଇ ଗ୍ରାମର ଆଦର୍ଶ ଶିକ୍ଷକ ଡ. ସନ୍ୟାସୀ ଚରଣ ବିଶ୍ୱାଳ(୭୯)ଙ୍କ ରବିବାର ପରଲୋକ ହୋଇଛି। ବିଶ୍ୱାଳ ଜଣେ ପରଉପକାରୀ, ମିଷ୍ଟଭାଷୀ ସ୍ୱଭାବର ଥିଲେ। ପୂର୍ବରୁ ହାଟଡିହୀ ଅଞ୍ଚଳରେ ଏକ ମେଡିକାଲ କଲେଜ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ମୃତ୍ୟୁର ଖବର ପାଇ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମରେଗାଁ ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ନବଘନ ନାୟକ(୫୭)ଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପାଇ ସମବାୟ ସମିତିର ବିଭିନ୍ନ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ।

### ବ୍ରୋଞ୍ଜ ପଦକ ପାଇଁ ସମ୍ବର୍ଦ୍ଧନା

ରାଇସୁଆଁ, ୫।୨(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ନରଣପୁର ବ୍ରିଗେଡ ସ୍କୁଲର ଛାତ୍ର ଚନ୍ଦନ ପ୍ରକାଶ ନାଏକଙ୍କୁ ଜିଲାପାଳ ଆଶିଷ ଠାକରେ ସମ୍ବର୍ଦ୍ଧିତ କରିଛନ୍ତି। ଛାତ୍ର ପ୍ରକାଶ ନାଏକ ଆନ୍ଧ୍ର ପ୍ରଦେଶର ବିଶାଖାପାଟନମଠାରେ ଅନୁଷ୍ଠିତ ଜୁନିୟରସ୍ତରର କରାଟେ ଚାମ୍ପିୟନସିପରେ ବ୍ରୋଞ୍ଜ ପଦକ ପାଇଛନ୍ତି। ରାଜ୍ୟ ତଥା ଜିଲା ପାଇଁ ସେ ଗୌରବ ଆଣିଛନ୍ତି। ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ କରାଟେ କୋଚ ପ୍ରବୀଣ କୁମାର ଦେଓ, ସ୍କୁଲର ସମ୍ପାଦିକା ଶକୁନ୍ତଳା ମହାନ୍ତ, ବାଂଶପାଳ ଚାଇଲ୍ଡଲାଇନର ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

■ ପ୍ରଧାନ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ଦିଆଯାଉନି

# ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

ବଡସାହି, ୫।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ସ୍କୁଲର ଫାଟକ ସମ୍ମୁଖରେ ମଙ୍ଗଳବାର ଛାତ୍ରୀଛାତ୍ରୀ ଓ ଅଭିଭାବକ ଧାରଣାରେ ବସିଛନ୍ତି। ୨ ମାସ ହେଲା ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇନି, ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ମିଳିନି, ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ଅଭିଭାବକ ଏପରି ନିଷ୍ପତ୍ତି ନେଇଛନ୍ତି। ବିଇଓଙ୍କ ଉପସ୍ଥିତିକୁ ଦାବିକରି ୩ ଘଣ୍ଟା ପର୍ଯ୍ୟନ୍ତ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରୀ ଓ ଅଭିଭାବକ ବସିଥିଲେ। ଏବିଇଓ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିବା ସହ ଆର୍ଥିକ କ୍ଷମତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

୧୯୪୮ରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଅଦ୍ୟାବଧି ପ୍ରଥମରୁ ଅଷ୍ଟମ ଶ୍ରେଣୀର ୧୬୯ ପିଲା ପାଠପଢୁଛନ୍ତି। ସ୍କୁଲର ୪ କୋଠରୀରେ ୮ ଶ୍ରେଣୀର ପିଲାପାଠ ପଢୁଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ ମିଶି ୫ ଜଣ ରହିଛନ୍ତି। ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ହୋଇ ନାହାନ୍ତି। ଏଥିରେ ଛାତ୍ରୀ ୭୩ ଓ ଛାତ୍ର ୯୩ ଜଣ ରହିଛନ୍ତି। ଅଦ୍ୟାବଧି ସେମାନଙ୍କୁ ପୋଷାକ ଓ ଜୋତା ପ୍ରଦାନ କରାଯାଇ ନାହିଁ। ଜୁନ ୨୦୧୮ରେ ବିଭାଗ ପକ୍ଷରୁ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରାଯାଇଥିଲା। ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସହକାରୀ ଶିକ୍ଷକ ଫୁଲୁ ସିଂଙ୍କୁ ଡିସେମ୍ବରରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଦାୟିତ୍ୱ ପ୍ରଦାନ କରିବା ପରେ ମଧ ବିଭାଗ ପକ୍ଷରୁ ଆର୍ଥିକ କ୍ଷମତା ପ୍ରଦାନ କରାଯାଇ ନ ଥିଲା। ୮ମ ଶ୍ରେଣୀ ଛାତ୍ରୀ ମମତା କୁଣ୍ଡୁ ଓ ସୁକଲ୍ୟାଣୀ ମହାନ୍ତ କହିଛନ୍ତି ଯେ, ବାର୍ଷିକ ପରୀକ୍ଷାକୁ ଆଉ ୨ ମାସ ରହିଲା। ଅଦ୍ୟାବଧି ପୋଷାକ ଓ ଜୋତା ମିଳିନି। ୫ମ ଶ୍ରେଣୀର ଛାତ୍ରୀ ଦୀପ୍ତିସ୍ମିତା ସିଂ କହିଛନ୍ତି ଯେ, ଗୋଟିଏ କୋଠରୀରେ ଦୁଇଟି ଶ୍ରେଣୀର ପିଲା ବସି ପାଠପଢୁଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ଆସୁ ନ ଥିବାରୁ ଶୁଖିଲା ଖାଦ୍ୟ ଦିଆଯାଉଛି। ଅନ୍ୟପଟେ ଆର୍ଥିକ କ୍ଷମତା ପ୍ରଦାନ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ବିଇଓଙ୍କ ନିକଟରେ ଅଭିଯୋଗ କରାଯାଇଛି। କୌଣସି ପଦକ୍ଷେପ ଗ୍ରହଣ କରାଯାଉନି ବୋଲି ଅଭିଭାବକ ବେଣୁଧର ମହାଳିକ କହିଛନ୍ତି। ଜାନୁଆରୀ ୨୨ଠାରୁ ମଧ୍ୟାହ୍ନ ଭୋଜନ ଚାଉଳ ସରିଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଉନି। ଅର୍ଥ ଅଭାବରୁ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ସଉଦା ନ ଥିବାରୁ ରୋଷେଇରେ ବିଭିନ୍ନ ସମସ୍ୟା ଦେଖାଯାଉଛି ବୋଲି ପରିଚାଳନା କମିଟିର ସଭାପତି ଦିଲ୍ଲିପ କୁମାର ଦଳେଇ କହନ୍ତି। ଏ ସମ୍ପର୍କରେ ବିଇଓ ଦେବବ୍ରତ ବାରିକଙ୍କୁ ପଚାରିବାରୁ ଫେବୃୟାରୀ ୨ରେ ସମ୍ପୃକ୍ତ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ ପାଇଁ ଚିଠି କରାଯାଇଥିଲା। ସେ ଅଫିସକୁ ଆସି ନ ଥିବାରୁ ଚିଠି ପାଇବାରେ ବିଳମ୍ବ ହୋଇଛି ବୋଲି ସେ କହିଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଭିଭାବକ ଉମାକାନ୍ତ ମହାନ୍ତ, ମନରଞ୍ଜନ ଜେନା, ରାଜେଶ ସିଂ, ହରିହର ମହାନ୍ତ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି।


ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

■ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

■ପୋଷାକ ସହ ଜୋତା ପ୍ରଦାନ କରାଯାଉନି

■ମଧ୍ୟାହ୍ନଭୋଜନରେ ଦିଆଯାଉଛି ଶୁଖିଲା ଖାଦ୍ୟ

■ ଆଦିବାସୀ ସମ୍ପ୍ରଦାୟର ମାଗେ ପରବ

# ନୃତ୍ୟଗୀତରେ ଝୁମିଲେ ସଭିଏଁ


ମହିଳାପୁରୁଷ ମିଳିତ ଭାବେ ନୃତ୍ୟ କରୁଛନ୍ତି।

ଚମ୍ପୁଆ, ୫।୨(ଡି.ଏନ.ଏ.)

ଚମ୍ପୁଆ ଏନଏସି ଅର୍ନ୍ତଗତ ପାଞ୍ଚପୋଖରିଆ ମୁଣ୍ଡାସାହିରେ ଆଦିବାସୀ ସମ୍ପ୍ରଦାୟର ପବିତ୍ର ପରବ ମାଗେ ପାଳିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ପରବରେ ଆଦିବାସୀ ପାରମ୍ପାରିକ ପୂଜାର୍ଚ୍ଚନା କରିଥିଲେ। ପାଞ୍ଚପୋଖରିଆ ମାଗେ ପଡ଼ିଆଠାରେ ସମବେତ ହୋଇ ନୃତ୍ୟଗୀତରେ ନିଜକୁ ହଜାଇ ଦେଇଥିଲେ। ପାରମ୍ପାରି ବାଦ୍ୟ ମାଦଳର ତାଳେତାଳେ ହୋ ଭାଷାର ଗୀତରେ ଉଭୟ ମହିଳା ପୁରୁଷ ମିଳିତ ନୃତ୍ୟ କରିଥିଲେ। ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଖେଳ ଅନୁଷ୍ଠିତ ହୋଇଥିଲା। ତେଲଖୁଣ୍ଟଚଢା ପ୍ରତିଯୋଗିତା ବେଶ ରୋମାଞ୍ଚକର ହୋଇଥିଲା। କମିଟି ପକ୍ଷରୁ ମାଗେ ପରବ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ରାଜ କିଶୋର ପାତ୍ର, ଅକ୍ଷୟ ନାଏକ, ପାଟ ମୁଣ୍ଡା, ସଞ୍ଜୟ ପ୍ରଧାନ, ଚିଙ୍ଗୁଲୁ ମୁଣ୍ଡା, ସୁମନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପତିତପାବନ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ଆନନ୍ଦପୁର, ୫।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ତପନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସମସ୍ତ ବିଭାଗର ଖେଳରେ ଅଂଶ ଗ୍ରହଣ କରିଥିଲେ। ଯୁକ୍ତ ୩ ଶେଷ ବର୍ଷ ବିଜ୍ଞାନ ଛାତ୍ର ଦୀପୁନ ସାହୁ, ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ରୀ ପିୟାଲୀ ପ୍ରିୟଦର୍ଶନୀ ଦାଶ ମହିଳା ବିଭାଗରେ ଚାମ୍ପିୟନ୍ ଆଖ୍ୟା ଅର୍ଜଣ କରିଥିଲେ। କ୍ରିଡା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।


କ୍ରୀଡ଼ାରେ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବିଦ୍ୟୁତ୍ କାଟ ବନ୍ଦ ପାଇଁ ଦାବି

ବଡ଼ସାହି, ୫।୨(ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଞ୍ଚଳରେ ପ୍ରତିଦିନ ହେଉଥିବା ବିଦ୍ୟୁତ କାଟ୍ ବନ୍ଦ କରିବା ପାଇଁ ନାଉପାଳ ପଞ୍ଚାୟତ ଅସ୍ତଝରଣ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ଖୁଣ୍ଟା ବିଦ୍ୟୁତ ସବ୍‌ଡିଭିଜନ ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦୁଇ ଦିନ ମଧରେ ବିଦ୍ୟୁତ୍ କାଟ ବନ୍ଦ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ବାଜି ସିଂ, ଶୁକୁରା ସିଂ, ଅଜିତ କୁମାର ସିଂ, ମହେଶ୍ୱର ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି । ବୈଦ୍ୟପୁର ଷ୍ଟ୍ରକଚର୍ ଅଧୀନରେ ଥିବା ଗ୍ରାମ ଗୁଡିକ ପ୍ରତିଦିନ ୬ଘଣ୍ଟାରୁ ଅଧିକ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଛି। କୌଣସି କାରଣ ନଥାଇ ବିଭାଗ ପକ୍ଷରୁ ଦିନ ରାତି ବିଦ୍ୟୁତ କାଟ କରୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସନ୍ଧ୍ୟାରେ ଘନ ଘନ ବିଦ୍ୟୁତ କାଟ୍ ହେଉଥିବାରୁ ପିଲାମାନେ ପାଠପଢ଼ି ପାରୁନାହାନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ଶକ୍ତି ସଞ୍ଚୟ କରୁଛନ୍ତି ବୋଲି ଗ୍ରାମର ଉପଭୋକ୍ତା ରାଜେଶ କୁମାର ସିଂ, କ୍ଷେତ୍ରମୋହନ ସିଂ, ନାଗେଶ୍ୱର ମହାନ୍ତ, ଗୌତୁମୀ ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ୨୭ରେ ବାୟୁସେନା କର୍ମଚାରୀ ଚୟନ ଶିବିର

ବାରିପଦା ଅଫିସ, ୫।୨

ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆରେ ୨୭ ତାରିଖରେ ବାୟୁ ସେନା କର୍ମଚାରୀ ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଜିଲା ପ୍ରଶାସନ ସହଯୋଗରେ ୯ ଏୟାରମ୍ୟାନ ସିଲେକ୍ସନ ସେଣ୍ଟର ଅଫ ଭୁବନେଶ୍ୱର ପକ୍ଷରୁ ଶିବିରରେ କର୍ମଚାରୀ ନିଯୁକ୍ତି କରାଯିବ ବୋଲି ଜଣାଯାଇଛି। ଜିଲା ପ୍ରଶାସନ ଏଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଚନା ଅନୁଯାୟୀ, ଏହି ଶିବିର ଫେବୃୟାରୀ ୨୭ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୪ ଦିନ ଧରି ଅନୁଷ୍ଠିତ ହେବ। ୨୭ରେ ଅନୁଗୁଳ, ବରଗଡ, ବଲାଙ୍ଗିର, ବୌଦ୍ଧ, ଦେଓଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ଖୋର୍ଦ୍ଧା, ନୁଆପଡ଼ା, ସୋନପୁର ଜିଲାର ଆଶାୟୀ ଛାତ୍ରୀଛାତ୍ର ଯୋଗ ଦେବେ। ମାର୍ଚ୍ଚ ୧ରେ ବାଲେଶ୍ୱର, ଭଦ୍ରକ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ରାୟଗଡ ଓ ସମ୍ବଲପୁର ଜିଲାର ଛାତ୍ରୀଛାତ୍ର ଯୋଗ ଦେବେ ବୋଲି ଜଣାଯାଇଛି। ବିଜ୍ଞାନରେ ଯୁକ୍ତ ୨ ପାସ କରିଥିବା ୧୭ରୁ ୨୧ବର୍ଷ ବୟସର ଛାତ୍ରୀଛାତ୍ର ଶିବିରରେ ଭାଗ ନେବେ। ବାୟୁ ସେନା କର୍ମଚାରୀ ଓ ଜିଲା ନିଯୋଜନ ଅଧିକାରୀ ବିଜୟ କୁମାରୀ ପାତ୍ର ଜିଲାର ସମସ୍ତ ଡିଗ୍ରୀ ବିଜ୍ଞାନ କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିବା ଆଲୋଚନା କରାଯାଇଥିଲା। ଯେଉଁ ଛାତ୍ରୀଛାତ୍ର ଏହି ଶିବିରରେ ଭାଗ ନେବେ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ପରେ ସେମାନଙ୍କୁ ଆସନ୍ତା ୧୫ରୁ ୨୫ ତାରିଖ ଯାଏଁ ୧୦ ଦିନ ପର୍ଯ୍ୟନ୍ତ ମାଗଣା ତାଲିମ ପ୍ରଦାନ କରାଯିବ। ତାଲିମ ପାଇଁ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ବାୟୁ ସେନାରେ ନିଯୁକ୍ତ ପରୀକ୍ଷା ସମ୍ପର୍କରେ ତାଲିମ ଦିଆଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାରିପଦା କଲେଜଠାରେ ପ୍ରତିଦିନ ୩ ଘଣ୍ଟା ଲେଖାଏଁ ତାଲିମ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବାୟୁ ସେନା ଅଧିକାରୀଙ୍କ ସହ ଅତିରିକ୍ତ ଜିଲାପାଳ ଆବୋଲି ନରଭାଣେ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସମତ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଓ ଜିଲାର ସମସ୍ତ ଡିଗ୍ରୀ ସାଇନ୍ସ କଲେଜର ପ୍ରିନ୍ସିପାଲ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଓ ଅନ୍ୟମାନେ।

**ବାରିପଦା ଛଉ ପଡ଼ିଆ**

■ରାଜ୍ୟରୁ ଯୋଗଦେବେ ଆଶାୟୀ ଛାତ୍ରୀଛାତ୍ର

■୧୦ ଦିନିଆ ସ୍ୱତନ୍ତ୍ର ତାଲିମ ଦେବ ଜିଲା ପ୍ରଶାସନ

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବ

ହାଟଡିହୀ, ୫।୨(ଡି.ଏନ୍.ଏ.)

ହାଟଡିହୀ ବ୍ଲକ ଜମ୍ବରା ଶାଳବଣିର ହନୁମାନ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈତରଣୀରୁ କଳସ ବୁଡାଯାଇ ଅଣାଯାଇଥିଲା। ନିରୁପମା ଜେନା ଓ ଲକ୍ଷ୍ମୀଧର ଜେନା ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ପ୍ରଶାନ୍ତ ଦାଶ, ପ୍ରଭାକର ଦାଶ, କୈଳାସ ଦାଶ ଦାୟିତ୍ୱ ସମ୍ପାଦନ କରିଥିଲେ। ମୀନତି ଜେନା, ପ୍ରଦୀପ ଜେନା, ସୁକାନ୍ତ ଜେନା, ବାଙ୍କ ବିହାରୀ ଜେନା, ଭୀମସେନ ଜେନା, ଦୁର୍ଯ୍ୟୋଧନ ଜେନା, ଅର୍ଜୁନ ଜେନା, ଅନ୍ତର୍ଯ୍ୟାମୀ ଜେନା, କୃଷ୍ଣଚନ୍ଦ୍ର ଜେନା, ମାନସ ଜେନା, ନରହରୀ ଜେନା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କଳସ ବୁଡା କାର୍ଯ୍ୟକ୍ରମରେ ସାମିଲ ଥିଲେ। ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା ବେଳେ ଭଜନ ସମାରୋହ ମଧ ଅନୁଷ୍ଠିତ ହୋଇଥିଲା।

# ୧୯୯୬ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ଆନନ୍ଦପୁର, ୫।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ବଳରାମ ଧୀର ଉଚ୍ଚ ବିଦ୍ୟାଳୟର ୧୯୯୬ ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଜଳେଇ ପାହାଡ଼ରେ ଅନୁଷ୍ଠିତ ଉତ୍ସବରେ ବହୁ ପୁରାତନ ବନ୍ଧୁ ଉପସ୍ଥିତ ରହି ବିଦ୍ୟାଳୟ ସମୟର ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଶଶାଙ୍କ ପଟ୍ଟନାୟକ, ସ୍ମୃତି ରଞ୍ଜନ ଧୀର, ସୁଶମା ମହାରଣା, ଝୁନୁଲତା ଯେନା, ସନ୍ତୋଷିନୀ ମହାନ୍ତି, ଝରଣା ଧୀର, ସ୍ୱୀତାରାଣି ବେହେରା, ସଞ୍ଜୟ ମାଝୀ, ପୁରୁଷୋତ୍ତମ ରାଉତ, ଅଟଳ ବେହେରା, ରାମଚନ୍ଦ୍ର ବିନ୍ଧାଣୀ, ବିଳାସିନୀ ବାରିକ ପ୍ରମୁଖ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ବନ୍ଧୁମାନେ ସେମାନଙ୍କ ପରିବାରବର୍ଗ ସହିତ ଉପସ୍ଥିତ ରହିଥିଲେ।


ପୁରାତନ ଛାତ୍ରୀଛାତ୍ର।

■ ପ୍ରସବ ପାଇଁ ଟଙ୍କା ନିଆଯାଇଥିବା ଅଭିଯୋଗ

# ଧାରଣା ଦେଲେ ପ୍ରସୂତିଙ୍କ ପରିବାର ଲୋକେ

ବାରିପଦା ଅଫିସ, ୫।୨

ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲ ଜଣେ ମହିଳା କର୍ମଚାରୀ ପ୍ରସବ କରାଇବା ଲାଗି ଜଣେ ପ୍ରସୂତିଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ମଙ୍ଗଳବାର ପ୍ରସୂତିଙ୍କ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ପ୍ରସୂତିଙ୍କ ସମ୍ପର୍କୀୟ ଗୀତାଳି ସୋରେନଙ୍କ ଅଭିଯୋଗ ଅନୁସାରେ ସେ ମଙ୍ଗଳବାର ସକାଳ ୬ଟାରେ ତାଙ୍କ ସାନ ଭାଇ ନରସିଂହ ସୋରେନଙ୍କ ସ୍ତ୍ରୀ ଜୟନ୍ତୀଙ୍କ ପ୍ରସବ ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଜୟନ୍ତୀ ପ୍ରସବ ଯନ୍ତ୍ରଣା ଭୋଗୁଥିବା ବେଳେ ସେ ଜଣେ ମହିଳା କର୍ମଚାରୀଙ୍କୁ ଡାକିଥିଲେ। ହେଲେ ସେ ପ୍ରସବ କରାଇବା ପାଇଁ ତାଙ୍କୁ ୫ଶହ ଟଙ୍କା ମାଗିଥିଲେ। ଗୀତାଳି ବହୁ କଷ୍ଟରେ ୫ ଶହ ଟଙ୍କା ଯୋଗାଡ କରି ତାଙ୍କୁ ଦେଇଥିଲେ। ହେଲେ ଶିଶୁଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିବା ମହିଳା କର୍ମଚାରୀଜଣକ ଆସି ଜଣାଇଥିଲେ। ଏଣୁ ଟଙ୍କା ପାଇଁ ଠିକ୍ ସମୟରେ ତାଙ୍କର ପ୍ରସବ କରା ନ ଯିବାରୁ ଶିଶୁଟିର ମୃତ୍ୟୁ ହୋଇଥିବା ଗୀତାଳି ଅଭିଯୋଗ କରିଛନ୍ତି। ଉକ୍ତ ମହିଳା କର୍ମଚାରୀଙ୍କୁ ବହିଷ୍କାର କରାଯିବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ଏକ ଦାବିପତ୍ର ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ନରେନ୍ଦ୍ରନାଥ ସୋରେନ କହିଛନ୍ତି ଯେ, ପିଲାଟିର ଓଜନ ୧.୫ କେଜି ଥିଲା। ତାର ମୃତ୍ୟୁ କିପରି ହେଲା ତାହାର ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ। ଅନ୍ୟପଟେ ମହିଳା କର୍ମଚାରୀଜଣକ ଟଙ୍କା ନେଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ତୁରନ୍ତ ତାଙ୍କୁ ପ୍ରସୂତି ୱାର୍ଡରୁ ବାହାର କରାଯାଇ ଅନ୍ୟ ୱାର୍ଡ ଦାୟିତ୍ୱ ଦିଆଯାଇଛି। ବିଭାଗୀୟ ତଦନ୍ତ ସରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ରୋଗୀଙ୍କ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

